ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୫ ● ୧୪ ଜାନୁଆରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -30 ● Issue-345 ● 14th January 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24

DADLS-78



# ଜୟ ଜଗନ୍ନାଥ




ପ୍ରତିଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ମହିମାରୁ ଆରମ୍ଭ ହୋଇଛି

**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'**

ବିଶ୍ୱଐତିହ୍ୟ ସହରରେ ରୂପାନ୍ତରିତ ହେଉଛି ଶ୍ରୀକ୍ଷେତ୍ର

ଶାନ୍ତିପୂର୍ଣ୍ଣ ପରିକ୍ରମା କରିପାରିବେ ଶ୍ରଦ୍ଧାଳୁ

ଆଉକିଛି ଦିନର ଅପେକ୍ଷା

ଐତିହାସିକ **ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**ର

ହେବ ଲୋକାର୍ପଣ

**୧୭ ଜାନୁଆରୀ ୨୦୨୪**

OIPR : 15001/13/0252/2324

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା-୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ-୩୦ • ସଂଖ୍ୟା-୩୪୫ • ୧୪ ଜାନୁଆରୀ ୨୦୨୪, ରବିବାର • ଭୁବନେଶ୍ୱର • Vol -30 • Issue-345 • 14th January 2024, Sunday • Bhubaneswar

Licensed to post without pre-payment of postage No- BN-60/22-24


## ୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

# ଦ୍ୱିତୀୟ ଦିନରେ ୬ଟି ଜିଲ୍ଲାର ୩୨୭ଟି ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲ୍ଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି ।

ଏଥିରେ ମାଲକାନଗିରି ଜିଲ୍ଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬ଟି, ଗଜପତିର ୨୮ଟି, ଢେଙ୍କାନାଳର ୬୩ଟି, କେନ୍ଦୁଝରର ୪୫ଟି ଓ କଟକର ୮୦ଟି ହାଇସ୍କୁଲ ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ ଯେ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି । ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂପୃକ୍ତ ଜିଲ୍ଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ।

ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏବେ ଓଡିଶାରେ *(ପୃଷ୍ଠା ୭ରେ)*

# ପ୍ରତିଯୋଗିତାରେ ବିଜୟ ନୁହେଁ, ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରର ଗଙ୍ଗାଧର ମେହେର କଲେଜରୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହୋଇପାରିଛନ୍ତି ସମ୍ବଲପୁରର ଲୋକ । ସରକାରୀ କଲେଜରେ ପାଠ ପଢ଼ି ଏତେ ବଡ଼ ପଦବୀକୁ ଯାଇ ପାରିଛନ୍ତି ପ୍ରମୋଦ କୁମାର ମିଶ୍ର । ସେ ସମ୍ବଲପୁର ଜିଏମ କଲେଜର ଛାତ୍ର ଥିଲେ । କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସରକାରୀ କଲେଜରୁ ପାଠ ପଢ଼ି ସେ ଆଜି ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିଛନ୍ତି । ଶୀର୍ଷରେ ପହଞ୍ଚି ମଧ୍ୟ ପରିଶ୍ରମ କେବେ ବନ୍ଦ କରି ନାହାନ୍ତି ପ୍ରମୋଦ ମିଶ୍ର ବୋଲି କହିଛନ୍ତି ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସମ୍ବଲପୁର ମଣ୍ଡଳିଆ ଠାରେ ଅନୁଷ୍ଠିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ ବୋଲି ପିଲାଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ଓ ଜର୍ମାନୀରେ ବୈଜ୍ଞାନିକ ଥିବା ପଶ୍ଚିମ ଓଡିଶାର ପୁଅ ଶେଷ କିଶାନଙ୍କ ଉଦାହରଣ ଦେଇଥିଲେ ଶ୍ରୀ ପାଣ୍ଡିଆନ।

କିଛିଦିନ ତଳେ ଦିନେ ରବିବାରରେ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ଫୋନ କରିଥିଲେ। ସେଦିନ ରବିବାର ହୋଇଥିବାରୁ ସୌଜନ୍ୟତା ଦୃଷ୍ଟିରୁ ରବିବାରରେ ଫୋନ କରିଥିବାରୁ କଥା ଆରମ୍ଭରୁ ପାଣ୍ଡିଆନ କ୍ଷମା ମାଗିଥିଲେ ପ୍ରମୋଦ ମିଶ୍ରଙ୍କୁ । ତେବେ





ପ୍ରମୋଦ ମିଶ୍ର କହିଥିଲେ ସେ ଅଫିସରେ ଅଛନ୍ତି । ସଫଳତାର ଶୀର୍ଷରେ ପହଞ୍ଚିଥିବା ଜଣେ ବ୍ୟକ୍ତି ରବିବାରରେ ମଧ୍ୟ ଅଫିସରେ କାମ କରୁଛନ୍ତି । ଏହା ହିଁ କଠିନ ପରିଶ୍ରମ ବୋଲି ପାଣ୍ଡିଆନ ଉଦାହରଣ ଦେଇଥିଲେ ।

କଠିନ ପରିଶ୍ରମ କରୁଥିବାରୁ ସେ ଯେକୌଣସି ବିଷୟରେ ଅନର୍ଗଳ ତଥ୍ୟଭିତ୍ତିକ ମନ୍ତବ୍ୟ ରଖିପାରୁଛନ୍ତି ବୋଲି ମଧ୍ୟ କହିଥିଲେ ଶ୍ରୀ ପାଣ୍ଡିଆନ । ନିଜେ ଶ୍ରୀ ପାଣ୍ଡିଆନ ଆଇଏଏସ ଟ୍ରେନିଂ ନେବାବେଳେ ପ୍ରମୋଦ ମିଶ୍ର କେନ୍ଦ୍ର କୃଷି ସଚିବ ଥିଲେ ଆଉ ଟ୍ରେନିଂ କ୍ଲାସ ନେଉଥିଲେ । କୃଷି ସମ୍ପର୍କରେ ଯେଉଁଭଳି ବକ୍ତବ୍ୟ ରଖୁଥିଲେ ସେଥିରେ ସନ୍ଦେହ ହୋଇଥିଲା ଯେ, ସେ କୃଷିପାଠ ପଢ଼ି ଆସିଛନ୍ତି । ସେହିଭଳି ବିପର୍ଯ୍ୟୟ ପରିଚାଳନା ବୈଠକରେ ତାଙ୍କ ବକ୍ତବ୍ୟ ଶୁଣି ଲାଗିଥିଲା ଯେ, ସେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିଛନ୍ତି ବୋଲି । ଏ ସବୁ କଠିନ ପରିଶ୍ରମର ଫଳ ବୋଲି ପିଲାଙ୍କୁ ଶ୍ରୀ ପାଣ୍ଡିଆନ କହିଥିଲେ।

ସେହିଭଳି ପଶ୍ଚିମ ଓଡିଶାର ଆଉଜଣେ ଉଜ୍ଜ୍ୱଳ ତାରକା ଶେଷ କିଶାନଙ୍କ ଉଦାହରଣ ଦେଇଥିଲେ ଶ୍ରୀ ପାଣ୍ଡିଆନ । ପିଲାବେଳୁ ବାପା ମା' ଛେଉଣ୍ଡ ହୋଇଥିଲେ ଶେଷ କିଶାନ । ଗାଁ ସ୍କୁଲରେ ପାଠ ପଢୁଥିଲେ । ପେଟ ପୋଷିବା ଲାଗି ନିଜେ କାମ ମଧ୍ୟ କରୁଥିଲେ। କଠିନ ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଅଧ୍ୟବସାୟ ବଳରେ ସେ ଭୁବନେଶ୍ୱର ନାଇଜରରେ ପଢିଲେ ଓ ଗୋଲ୍ଡ ମେଡାଲିଷ୍ଟ ମଧ୍ୟ ହେଲେ । ପରବର୍ତ୍ତୀ ସମୟରେ ସେ *(ପୃଷ୍ଠା ୭ରେ)*

## ୨୦୨୮ ସୁଦ୍ଧା ମହାକାଶରେ ଭାରତ ଷ୍ଟେସନ: ଇସ୍ରୋ ମୁଖ୍ୟ



**ଗାନ୍ଧିନଗର, ୧୩।୧**

ଭାରତ ୨୦୨୮ ସୁଦ୍ଧା ପ୍ରଥମ ମହାକାଶ ଷ୍ଟେସନ ବନାଇବାକୁ ଲକ୍ଷ୍ୟ ରଖିଛି। ୨୦୩୫ ସୁଦ୍ଧା ମନୁଷ୍ୟକୁ ମହାକାଶକୁ ପଠାଇବାକୁ ଚାହୁଁଛି । ଦଶମ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଟରେ ସାମିଲ ହୋଇ ଇସ୍ରୋ ମୁଖ୍ୟ ଏସ ସୋମନାଥ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଭାରତ ମହାକାଶ ଷ୍ଟେସନ ପ୍ରତିଷ୍ଠା ପାଇଁ ବର୍ତ୍ତମାନର ଲଞ୍ଚର କ୍ଷମତା ବ୍ୟବହାର କରିବ। ଏଥିରେ ସଫଳତା ମିଳିବା ପରେ ପରୀକ୍ଷାନିରୀକ୍ଷା ପାଇଁ ମହାକାଶକୁ ବୈଜ୍ଞାନିକଙ୍କୁ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ପୁଣି ଟାର୍ଗେଟ କଲେ ୫-ଟି ଅଧ୍ୟକ୍ଷ

# ଓଡ଼ିଶାରେ ସବୁଠାରୁ ଖରାପ ୫୫ ନମ୍ବର ଜାତୀୟ ରାଜପଥ

**ଭୁବନେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

ଏନଏଚ୍-୫୫ର କଦର୍ଯ୍ୟ ଅବସ୍ଥା ଓ ପଦ୍ମପୁର ଉପ-ନିର୍ବାଚନ ବେଳେ କେନ୍ଦୁପତ୍ର ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କେନ୍ଦ୍ରମନ୍ତ୍ରୀଙ୍କୁ ପୁଣି ମନେପକାଇଦେଲେ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଆୟୋଜିତ ସଭାରେ ନା ନନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଏ ଦୁଇଟି ପ୍ରସଂଗରେ ଚେତାଇ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।



ସଭାରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ, ଦୀର୍ଘ ୧୦ ବର୍ଷ ହେଲା କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ର କାମ ଶେଷ ହେଉନି । ନିର୍ବାଚନ ଆସିଲେ କିଛି ନେତା ବଡ ବଡ ଭାଷଣ ମାରୁଛନ୍ତି, *(ପୃଷ୍ଠା ୭ରେ)*

# ନୂଆ ଷ୍ଟେସନ ଓ ମେମୁ ଟ୍ରେନ୍ ଲୋକାର୍ପଣ କଲେ ରେଳମନ୍ତ୍ରୀ

**ବାଲେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ବାଲେଶ୍ୱରରେ ନୂଆ ଷ୍ଟେସନ ଓ ମେମୁ ଟ୍ରେନର ଲୋକାର୍ପଣ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଗୋପୀନାଥପୁର ରେଳ ଷ୍ଟେସନର ଲୋକାର୍ପଣ କରିଥିବା ବେଳେ, କେନ୍ଦ୍ର ରେଳମନ୍ତ୍ରୀ ନୀଳଗିରି-ବାଲେଶ୍ୱର ମେମୁ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଟ୍ରେନ୍‌କୁ ନୀଳଗିରିରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହି ଅବସରରେ ରେଳମନ୍ତ୍ରୀ କହିଛନ୍ତି ନୀଳଗିରିବାସୀଙ୍କ *(ପୃଷ୍ଠା ୭ରେ)*



## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ପୁରୀ, ୧୩।୧ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡିଥିବା ବେଳେ ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଶନିବାର ପୁରୀ ଗସ୍ତରେ ଆସି ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଶନିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଶ୍ରୀମନ୍ଦିର ପରିକ୍ରମାର ଚାରିପାଖ ବୁଲି ସମସ୍ତ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ ମୁଖ୍ୟ ଶାସନ ସଚିବ।

ତେବେ ସବୁ କାର୍ଯ୍ୟ ଠିକ ସମୟରେ



ଶେଷ ହୋଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। ଶ୍ରୀମନ୍ଦିର ଚାରିପାଖରେ ଲାଗିଥିବା ଆକର୍ଷଣୀୟ ଲାଇଟିଂ ବ୍ୟବସ୍ଥା କିଭଳି ବଜାୟ ରହିପାରିବ ସେନେଇ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। *(ପୃଷ୍ଠା ୭ରେ)*

# ମହାନଦୀ ଜଳ ବିବାଦ: କଥା ଶୁଣୁନି ଝାଡ଼ଖଣ୍ଡ, ଅସନ୍ତୋଷ ଝାଡ଼ିଲେ ଟ୍ରିବ୍ୟୁନାଲ

**ନୂଆଦିଲ୍ଲୀ, ୧୩।୧**

ମହାନଦୀ ଜଳବିବାଦ ମାମଲାର ବିଚାର ପାଇଁ ଗଠିତ ଟ୍ରିବ୍ୟୁନାଲ ଶନିବାର ଝାଡ଼ଖଣ୍ଡ ସରକାରଙ୍କ ଉପରେ ଅସନ୍ତୋଷ ଝାଡିଛନ୍ତି। ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ□ ଝାଡ଼ଖଣ୍ଡ ସରକାର ସାକ୍ଷୀ ତାଲିକା ଓ ସତ୍ୟପାଠ ଦାଖଲ କରିପାରିନଥିବାରୁ ପ୍ରବଳ ବିରକ୍ତ ହୋଇଥିଲେ। ଟ୍ରିବ୍ୟୁନାଲ୍ ସିଧା ସିଧା କହିଲେ, ଝାଡ଼ଖଣ୍ଡ ନିର୍ଦ୍ଦେଶ ପାଳନ କରୁନାହିଁ । ଏଣୁ ସେହି ରାଜ୍ୟ ଉପରେ ଜରିମାନା ଲଗାଯିବ। କେବଳ ସେତିକି ନୁହେଁ, ଚାରି ସପ୍ତାହରେ ସାକ୍ଷୀ ତାଲିକା ଓ ସତ୍ୟପାଠ ଦାଖଲ କରିବା ପାଇଁ ଝାଡ଼ଖଣ୍ଡକୁ ଶେଷ ସୁଯୋଗ



ଦେଇଥିଲେ। ଏହି ଶୁଣାଣି ଆରମ୍ଭ ହେବା ପୂର୍ବରୁ ଟ୍ରିବ୍ୟୁନାଲ୍‌ଙ୍କ ପୂର୍ବ ଆଦେଶ ମୁତାବକ ମଧ୍ୟପ୍ରଦେଶ ସରକାର ସାକ୍ଷୀ ତାଲିକା ଓ ସତ୍ୟପାଠ ଦାଖଲ କରିଥିଲେ। ଟ୍ରିବ୍ୟୁନାଲ ତାହାକୁ ରେକର୍ଡକୁ ନେଇଥିଲେ।

ଏଥିସହିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରମରେ ବିଚାର ପ୍ରକ୍ରିୟାର ରିଅଲ ଟାଇମ ଅଡିଓ ଭିଡିଓ ରେକର୍ଡିଂ ହେବ। ଏ ନେଇ ଟ୍ରିବ୍ୟୁନାଲ ସମ୍ମତି ପ୍ରଦାନ କରିଛନ୍ତି । ବିଚାର ପ୍ରକ୍ରିୟାରେ ଏହି ବ୍ୟବସ୍ଥାକୁ ଆପଣାଇବାକୁ ଟ୍ରିବ୍ୟୁନାଲ ସବୁଜ ସଙ୍କେତ ପ୍ରଦାନ କରିବା ସହିତ ଏଥିପାଇଁ ଆବଶ୍ୟକ ପାଣ୍ଠି ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ଏହି ବ୍ୟବସ୍ଥା ସ୍ଥାପନ ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ତେବେ ସାକ୍ଷ୍ୟ ଗ୍ରହଣ ଓ ଅନ୍ୟାନ୍ୟ ବିଚାର ପ୍ରକ୍ରିୟାରେ ରେକର୍ଡିଂ ବ୍ୟବସ୍ଥା ଜାରି ରହିବ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ବିଚାରପତି ଏ.ଏମ୍.ଖାନିଲକରଙ୍କର *(ପୃଷ୍ଠା ୭ରେ)*

## ୨୬ରୁ ଆଦିବାସୀ ମେଳା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୬ ତାରିଖରୁ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୪। ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଳାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ମେଳା ପରିସରରେ ୧୦୭ଟି ଷ୍ଟଲ୍‌ରେ ଜନଜାତିଙ୍କ ବିଭିନ୍ନ କାରିଗରୀ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଆଧ୍ୟାତ୍ମିକ ବାତାବରଣ ଏବେ
ଖେଳେ ରାଇଜଠୁ ଦେଶ
ଜନସାଧାରଣଙ୍କ ମନରେ ଖେଳେ
ଈଶ୍ୱରଙ୍କ ନାନା ବେଶ
ନେତାଙ୍କର ଖାଲି ହସ
ହଉ ସେ ଯାହା ଆମର କିଯାଏ
ପାନ କରିବା ଭକ୍ତି ରସ।

# ଭଡାଘରେ ରହୁଥିଲେ ଶୀଘ୍ର ହୋଇଯିବେ ବୁଢ଼ା



**ନୂଆଦିଲ୍ଲୀ, ୧୩।୧**

ନିଜ ପରିବାର ପାଇଁ ନୂଆଘର କିଣିବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। କିଛି ଜଣଙ୍କର ସେଇ ଡ୍ରିମ ହାଉସ ସ୍ୱପ୍ନରେ ବସା ବାନ୍ଧିନିଏ । ବ୍ୟକ୍ତିଟିଏ ନିଜ ମନ ପସନ୍ଦର ଘରଟିଏ କିଣିବା ପାଇଁ ଜୀବନଯାକର ଧନ ସାଇତି ରଖିଥାଏ, ହେଲେ ପ୍ରଥମେ ଜମି କିଣିବା, ତାପରେ ଘର ତିଆରି ଇତ୍ୟାଦିରେ ସ୍ୱପ୍ନ ପୂରଣ ହୋଇପାରେନା। ବାଧ୍ୟହୋଇ ସେ ପରିବାର ସହ ଭଡା ଘରେ ରହିବାକୁ ନିଷ୍ପତ୍ତି ନେଇଥାଏ। କୌଣସି ପରିବାର କୁହନ୍ତୁ କି ଯୁବପିଢି କିମ୍ବା କୌଣସି ଛାତ୍ରଛାତ୍ରୀ ବାହାରେ ରହି ପାଠ ପଢିବାକୁ ମେସ୍, ହଷ୍ଟେଲ ବା ଘରଭଡାକୁ ପ୍ରିଫର କରିଥାନ୍ତି, ହେଲେ କୌଣସି ବ୍ୟକ୍ତିଙ୍କର ଘରଟିଏ ତୋଳି ରହିବାର ଇଚ୍ଛା ଏହି ଭଡାଘରେ ରହି ମରି ଯାଇଥାଏ। କାରଣ ବର୍ଷକୁ ବର୍ଷ ଘରର ଭଡା ଦେବା ସହ ଇଲେକ୍ଟ୍ରି, ପାଣି ଓ ମେଣ୍ଟେନାନ୍ସ ଫି' ଦେବାବେଳେ ନୂଆଘର କିଣିବା ବା ତୋଳିବାର ଇଚ୍ଛା ପୂରଣ ହୋଇ ପାରେନା।

ଏବେର ମହଙ୍ଗା ଯୁଗରେ ଘରଭଡାର ମହଙ୍ଗା ମାଡ ସହ ସ୍ୱାଧୀନ ଭାବରେ ଭଡାଘରେ କିଛି କରିବାର ଇଚ୍ଛା କାହାର ବା ନ ଥାଏ । ଘରଟିକୁ ନିଜ ଇଚ୍ଛା ମୁତାବିକ ସଜାଇବା ସହ ଡେକୋରେଟ କରିବା ନିଜ ଆତ୍ମୀୟ ଲୋକଙ୍କୁ ଆଣିବା ପାଇଁ କେତେକ କ୍ଷେତ୍ରରେ ବାରଣ *(ପୃଷ୍ଠା ୭ରେ)*

# ଆସିବ ଉଚ୍ଚଶିକ୍ଷାରେ ସଂସ୍କାର ! ରାଜ୍ୟରେ ଆରମ୍ଭ ହେଲା ଇ-ଲେକଚର ବ୍ୟବସ୍ଥା

**ଭୁବନେଶ୍ୱର, ୧୩।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏଥି ପାଇଁ ଇ-ଲେକଚର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏଥିରେ କଲେଜ ଓ ବିଶ୍ୱବିଦ୍ୟାଳୟର ୧୧ଟି ବିଷୟବସ୍ତୁ ଅପଲୋଡ଼ କରାଯାଇଛି, ଯାହା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଭର୍ଚୁଆଲ ପ୍ଲାଟଫର୍ମରେ ଏହାର ସୁବିଧା ନେବାକୁ ଉଚ୍ଚଶିକ୍ଷା ସ୍ୱତନ୍ତ୍ର ସଚିବଙ୍କ ପକ୍ଷରୁ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇଛି।

ଏହି ନୂତନ ବ୍ୟବସ୍ଥା ଉପରେ ଉଚ୍ଚଶିକ୍ଷା




ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, vtputkal.odisha.gov.in ଲିଙ୍କ କ୍ଲିକ କଲେ ୪ଟି ସେମିଷ୍ଟାରର କୋର୍ସ ପଢି ହେବ। ଛାତ୍ରଛାତ୍ରୀମାନେ ଘରେ ବସି ସେମିଷ୍ଟାର ପାଇଁ ପ୍ରସ୍ତୁତ ହୋଇପାରିବେ। ପଦାର୍ଥ ବିଜ୍ଞାନ (ଫିଜିକ୍ସ), ରସାୟନ ବିଜ୍ଞାନ (କେମେଷ୍ଟ୍ରି), ଉଦ୍ଭିଦ ବିଜ୍ଞାନ (ବଟାନି), ପ୍ରାଣୀ ବିଜ୍ଞାନ (ଜୁଲୋଜି), ରାଜନୀତି ବିଜ୍ଞାନ, ଓଡ଼ିଆ, ଇତିହାସ, ଇଂରାଜୀ, *(ପୃଷ୍ଠା ୭ରେ)*





# ଝଲସିଲାଣି ଶ୍ରୀକ୍ଷେତ୍ର



## ଚିତ୍ରଶିଳ୍ପୀଙ୍କ ମୁଖରୁ ...

ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିଛି। ବି.କେ ଆର୍ଟ କଲେଜରେ ୫ବର୍ଷ ହେବ ପାଠ ପଢୁଛି। ଏହି ସମୟରେ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳିବା ମୋ ପାଇଁ ସୌଭାଗ୍ୟର କଥା। ଠାକୁରଙ୍କ କାମ କରିବାକୁ ବହୁତ ଖୁସି ଲାଗୁଛି। ମୁଁ ଆଙ୍କିଥିବା ଚିତ୍ର ସବୁକୁ ହଜାର ହଜାର ପର୍ଯ୍ୟଟକ ଦେଖିବେ। ଜଣେ କଳାକାର ପାଇଁ ଯା'ଠାରୁ ଅଧିକ ବଡ଼ କଥା ଆଉ କ'ଣ।

**ଲକ୍ଷ୍ମଣ ମାଝୀ, ଚିତ୍ରଶିଳ୍ପୀ**

ଓଡ଼ିଆ ଶିଳ୍ପୀଙ୍କ ନିପୁଣତା ଦେଖିବେ ପର୍ଯ୍ୟଟକ । ସରକାରଙ୍କ ପକ୍ଷରୁ ପୁରୀ ସହରକୁ ସରସ ସୁନ୍ଦର କରିବାକୁ ବିଭିନ୍ନ ସ୍ଥାନରେ କାନ୍ଥରେ ଚିତ୍ର ଅଙ୍କାଯାଉଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକ ଓଡ଼ିଆ ଶିଳ୍ପୀଙ୍କ ନିପୁଣତା ଦେଖିବେ।

**ସତ୍ୟଭାମା ମାଝୀ, ଚିତ୍ରଶିଳ୍ପୀ**

ମହାପ୍ରଭୁଙ୍କ କୃପା ଶିଳ୍ପୀଙ୍କ ଉପରେ ଥାଉ। ମହାପ୍ରଭୁ ମୋ ଭଳି କଳାକାରଙ୍କୁ କର୍ମସଂସ୍ଥାନ ଦେଇଛନ୍ତି। ତାଙ୍କ ବିଜେସ୍ଥଳୀ ପୁରୀରେ ଚିତ୍ର ଆଙ୍କିବାଠାରୁ ଅଧିକ ବଡ଼ କଥା ମୋ ପାଇଁ ଆଉ କିଛି ନୁହେଁ। ଗୁଣ୍ଡୁଚି ମୂଷା ଭଳି ମହାପ୍ରଭୁଙ୍କ କାମରେ ସହଯୋଗ କରୁଛି। ମହାପ୍ରଭୁଙ୍କ କୃପା ଏମିତି ଆମ ଶିଳ୍ପୀଙ୍କ ଉପରେ ଥାଉ।

**ଜଗନ୍ନାଥ ପଣ୍ଡା, ଚିତ୍ରଶିଳ୍ପୀ**



## କଥା କହୁଛି କାନ୍ଥ

ମୁଖ୍ୟତଃ ପୁରୀର ପରିବେଶ ଓ ଚାଲିଚଳନକୁ ନେଇ ଶିଳ୍ପୀ ଚିତ୍ର ଆଙ୍କିଛନ୍ତି। ଯେମିତି, ସମୁଦ୍ର, ସମୁଦ୍ର କୂଳରେ ଗଢ଼ି ଉଠିଥିବା ବଜାର, ଓଟ ପିଠିରେ ପର୍ଯ୍ୟଟକଙ୍କ ଭ୍ରମଣ, ସାମୁଦ୍ରିକ ଜୀବ, ମଠ, ମନ୍ଦିର, ବିଭିନ୍ନ ପ୍ରକାରର ଫୁଲ ଫଳ, ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କ ଅଙ୍ଗଭଙ୍ଗୀ ଅଙ୍କାଯାଇଛି। ସେହିପରି ବାଦ୍ୟଯନ୍ତ୍ର କେନ୍ଦେରା, ଖଞ୍ଜଣି, ପଖାଓ୍ୱଜ, ଢୋଲ, ମୃଦଙ୍ଗ, ବଂଶୀ, ଘୁଙ୍ଗୁଡ଼ି, ଘୋଡ଼ାନାଚ, ମୁଖା ନୃତ୍ୟ ଓ ସାହିଯାତର ନାଗା ନୃତ୍ୟ, ବାଘ ମୁଖା ନୃତ୍ୟ ଆଦି ଶୋଭାପାଉଛି। ସମୁଦ୍ର ନିକଟବର୍ତ୍ତୀ ସ୍ଥାନକୁ ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ଚିତ୍ରରେ ସଚେତନତାର ବାର୍ତ୍ତା ଦିଆଯାଇଛି।

ଜାନୁଆରୀ ୧୭ରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକାର୍ପଣର ଅବ୍ୟବହିତ ପୂର୍ବରୁ ପରିକ୍ରମା ପ୍ରକଳ୍ପ କାମକୁ ତନ୍ନତନ୍ନ କରି ତଦାରଖ କରୁଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ପରିକ୍ରମା ପ୍ରକଳ୍ପ ସହ ସମଗ୍ର ପୁରୀ ସହରକୁ ନୂଆବୋହୂ ପରି ସଜା ଯାଉଛି। ସୌନ୍ଦର୍ଯ୍ୟୀକରଣ ଭାର ସମ୍ଭାଳିଛି ପୁରୀ ପୌରପରିଷଦ। କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବଡ଼ଦାଣ୍ଡ ଗୋଟିଏ ରଙ୍ଗରେ ସଜେଇ ହେଉଥିବା ବେଳେ ସଂଲଗ୍ନ ମୁଖ୍ୟ ଗଳି ରାସ୍ତାର କାନ୍ଥରେ ବିଭିନ୍ନ ବିଷୟବସ୍ତୁକୁ ନେଇ ଚିତ୍ର ଅଙ୍କାଯାଇଛି। ଏଥିସହ ରଙ୍ଗୀନ ଆଲୋକମାଳାରେ ଝଲସୁଛି ଶ୍ରୀକ୍ଷେତ୍ର।

ସୂଚନାନୁସାରେ, ନୂଆବର୍ଷରୁ ୧୦ ଦିନ ମଧ୍ୟରେ ପ୍ରାୟ ୧୫ ଲକ୍ଷ ପର୍ଯ୍ୟଟକ ପୁରୀକୁ ଆସିଛନ୍ତି। ଧୀରେଧୀରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତିଦିନ ଲକ୍ଷେରୁ ଅଧିକ ପର୍ଯଟକ ପୁରୀ ସହରର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖୁଛନ୍ତି। ତେବେ ପର୍ଯଟକଙ୍କୁ ନିଆରା ଅନୁଭୂତି ଦେବାକୁ ସରକାର ସୁବନ୍ଦୋବସ୍ତ କରିଛନ୍ତି।

ଶ୍ରୀକ୍ଷେତ୍ରରେ ଆଖି ଯୁଆଡ଼େ ଯାଉଛି, ସେଠି ଓଡ଼ିଶା ଶିଳ୍ପୀଙ୍କ ସୁନ୍ଦର କାରୁକାର୍ଯ୍ୟର ନିଖୁଣ ପ୍ରତିଛବି ଦେଖିବାକୁ ମିଳୁଛି। କାନ୍ଥ ଚିତ୍ର ବାବଦରେ ମୋଟ୍ ୧କୋଟି ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୧୪ଟି ଏଜେନ୍ସି ଓ କଳାକାରଙ୍କୁ ଚୟନ କରାଯାଇଛି। ଏଥିପାଇଁ ପ୍ରାୟ ୨୦ଟି କଥାବସ୍ତୁ ଚୟନ କରାଯାଇଛି। ୩୨ଟି ସ୍ଥାନରେ ପ୍ରାୟ ୨ଲକ୍ଷ ବର୍ଗଫୁଟ୍ କାନ୍ଥକୁ ଚିତ୍ରିତ କରାଯାଉଛି।

ଜଗନ୍ନାଥବଲ୍ଲଭ ପାର୍କଂଠାରୁ ଚୁଡ଼ଙ୍ଗ ସାହି, ମୋଚି ସାହି ଛକଠାରୁ ବାଳିକା ଉଚ୍ଚ ବିଦ୍ୟାଳୟ ଦେଇ ଆମଲା କ୍ଲବ୍, ସୁଭାଷ ବୋଷ ଛକଠାରୁ ଦିଗବାରେଣି ଛକ, ଗରୁଡ଼ ଛକଠାରୁ ମହିଳା ବିଦ୍ୟାଳୟ, ଆଶ୍ରମ ଛକଠାରୁ ସର୍ବୋଦୟ ନଗର, ଜଗନ୍ନାଥ ଷ୍ଟାଡିୟମଠାରୁ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଜଟିଆ ବାବା ଛକଠାରୁ ମଙ୍ଗଳାଘାଟ ଛକ, ଜଟିଆ ବାବା ଛକଠାରୁ ନରେନ୍ଦ୍ର ଚକଡ଼ା, ଏସସିଏସ୍ କଲେଜଠାରୁ ପୁରୁଣା ସଦର ଥାନା ଦେଇ ଷ୍ଟେସନ ଛକ, ହରିହର ଛକଠାରୁ ଟାଉନ୍ ହଲ୍ ଛକ, ମୋଚି ସାହି ଛକ ଦେଇ ତହସିଲ କାର୍ଯ୍ୟାଳୟ, ଜଗନ୍ନାଥ ଷ୍ଟାଡିୟମଠାରୁ ସୁଭାଷ ବୋଷ ଛକ, ଓଡ଼ିଶା ବେକରୀ ଛକଠାରୁ ସିଟି ରୋଡ୍, ଜୟୀରାଜଗୁରୁ ଛକଠାରୁ ରାମ ମନ୍ଦିର ଦେଇ ଓ୍ୱାଟ୍କୋ କାର୍ଯ୍ୟାଳୟ, ଟାଉନ୍ ହଲଠାରୁ ପିକେଡିଏ, ଅଠରନଳା ଛକଠାରୁ ମେଡିକାଲ ଛକ, ବସ୍ଷ୍ଟାଣ୍ଡଠାରୁ ଗରୁଡ଼ ଛକ, ହେଲିପ୍ୟାଡ୍ ପାଚେରୀ, ଆଇଟିଆଇ ପାଚେରୀ, ଜଗନ୍ନାଥ ଷ୍ଟାଡିୟମ୍ ପାଚେରୀ, ଗ୍ରୀଡ୍ ଅଫିସଠାରୁ ଭୂଦାନ ଛକ, ସେଣ୍ଟ୍ରାଲ ସ୍କୁଲଠାରୁ ଗେଲ୍ ଇଣ୍ଡିଆ, ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରୀ, ଏସସିଏସ୍ କଲେଜ ପାଚେରୀ, ଅର୍ବାନ ହାଟ ପାଚେରୀ, ଦର୍ଜି ପୋଖରୀ ଛକଠାରୁ ସୁଭାଷ ବୋଷ ଛକ, ବିର୍ଲା ଗେଷ୍ଟ ହାଉସଠାରୁ ବଳିଆପଣ୍ଡା ପାର୍କ ପ୍ରମୁଖ ସ୍ଥାନ ଓଡ଼ିଶାର କଳା ସଂସ୍କୃତି ଓ ଐତିହ୍ୟର ଗାଥା ବଖାଣୁଛି।



## ଆକର୍ଷଣ ସାଜିଛି ପିପିଲି ଚାନ୍ଦୁଆ

ରାତିରେ ସହରକୁ ଅଧିକ ଆକର୍ଷଣୀୟ କରିବାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ପରିକ୍ରମା ପ୍ରକଳ୍ପ ସ୍ଥଳର ଚାରିପାଖରେ ଡିଜାଇନ୍ ଲାଇଟ୍ ଲଗାଯାଇଛି। ମେଘନାଦ ପାଚେରି, ନେତବନ୍ଧା ଦେଖିବା ପାଇଁ ହୋଇଥିବା ପାହାଚ, ପ୍ରଦକ୍ଷଣ ମାର୍ଗ ପ୍ରମୁଖ ସମସ୍ତ ସ୍ଥାନରେ ଅତ୍ୟାଧୁନିକ ଲାଇଟ୍ ଲଗାଯାଇଛି। ଏଥିସହ ଚାରି ପାଖରେ ହାଇମାଷ୍ଟ ଲାଇଟ୍ ଦିନ ଭଳି ଅନୁଭବ ଦେଉଛି। ଅଠରନଳାଠାରୁ ଆରମ୍ଭ କରି ବଡ଼ଦାଣ୍ଡ, ସମୁଦ୍ରକୂଳଠାରୁ ଆରମ୍ଭ କରି ରେଳଷ୍ଟେସନ୍, ବିଭିନ୍ନ ସାହି, ଗଳି, ଛକ ସବୁକୁ ରଙ୍ଗୀନ ଆଲୋକରେ ସଜା ଯାଇଛି। ଏଥିରେ ଆକର୍ଷଣ ସାଜିଛି ପିପିଲି ଚାନ୍ଦୁଆରେ ଲଗାଯାଇଥିବା ଲାଇଟ୍। ରାତିରେ ରଙ୍ଗବେରଙ୍ଗର ଲିଚୁ ମାଳ, ଗ୍ରୀନ୍ ଏଲ୍ଇଡି ସହ ପିପିଲି ଚାନ୍ଦୁଆ ପୁରୀ ସହରକୁ ନୂଆ ରୂପ ଦେଉଛି। ଏଥିସହ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ, ଟାଉନ୍ ହଲ୍ ଛକରୁ ମୋଚି ସାହି, ହସ୍ପିଟାଲ ଛକରୁ କୁମ୍ଭାରପଡ଼ା ଛକ, ଭିଆଇପି ରୋଡ୍ ପ୍ରମୁଖ ଅଞ୍ଚଳରେ ଡବଲ୍ ଆର୍ ନୂଆ ଲାଇଟ୍ ଲଗାଯାଇଛି। ଅଧିକାଂଶ ସ୍ଥାନରୁ ପୁରୁଣା ଷ୍ଟ୍ରିଟ୍ ଲାଇଟ୍ କଢ଼ାଯାଇ ନୂଆ ଲାଇଟ୍ ଲଗାଯାଇଛି।

## ଲାଗିଛି ୧୨୦ ପ୍ରଜାତିର ଛୋଟ ଓ ବଡ଼ ଗଛ





## ପରିକ୍ରମା ପ୍ରକଳ୍ପରେ ମନ ମୋହୁଛି ସବୁଜବଳୟ

### ଫୁଲରେ ସଜେଇ ହେଉଛି ପରିକ୍ରମା ପ୍ରକଳ୍ପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିଶେଷ ଭାବରେ ଫୁଲ ସଜା ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ପରିକ୍ରମା ସମୟରେ ଭକ୍ତମାନଙ୍କୁ ଏକ ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶ ସହିତ ଆଧ୍ୟାତ୍ମିକ ଅନୁଭବର ସ୍ୱାଦ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିକ୍ରମା ମାର୍ଗକୁ ଭକ୍ତଙ୍କ ପାଇଁ ଯଥାସମ୍ଭବ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଉଛି। ପରିକ୍ରମା ପ୍ରକଳ୍ପ ସହ ଚାରି ଦ୍ୱାର ଓ ମନ୍ଦିର ଉପରକୁ ଫୁଲରେ ସଜାଯାଉଛି।

ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷ ହୋଇଛି। ଖଣ୍ଡୋଲାଇଟ୍ ପଥରରେ ନିର୍ମିତ କଳାକୃତି କଳିଙ୍ଗ ଉତ୍କର୍ଷ କଳାର ଗାଥା ବଖାଣୁଛି। ଆଉ ମାତ୍ର ୩ଦିନ ପରେ ଜାନୁଆରୀ ୧୭ତାରିଖରେ ଲୋକାର୍ପଣ ହେବ ଏହି ଐତିହାସିକ ପ୍ରକଳ୍ପ। ତେବେ ଏହି ପ୍ରକଳ୍ପରେ ମହାପ୍ରଭୁଙ୍କ ସହ ଜଡ଼ିତ ଥିବା ଟିକିନିଖି କଥାକୁ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପର ୫୫ ମିଟର ବଫର ଜୋନ୍ ମଧ୍ୟରୁ ୧୯ମିଟର ଅଞ୍ଚଳରେ ସବୁଜବଳୟ ସୃଷ୍ଟି କରାଯାଇଛି। ଯାହା ପ୍ରକଳ୍ପର ଶୋଭା ବୃଦ୍ଧି କରୁଛି।

ବଡ଼ କଥା ହେଲା, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ୧୨୦ ପ୍ରଜାତିର ଛୋଟ ଓ ବଡ଼ ପ୍ରାୟ ଲକ୍ଷେ ଗଛ ଲଗାଯାଉଛି। ବଫର ଜୋନ୍ ୫ ମିଟର ମଧ୍ୟରେ ଶ୍ରୀଜୀଉଙ୍କ ଦୈନନ୍ଦିନ ଭୋଗ ପୂଜାରେ ଲାଗୁଥିବା ଛୋଟ ଗଛ ଲଗାଯାଉଛି। ଏଥିରେ ମହାପ୍ରଭୁଙ୍କ ପ୍ରିୟ ତଥା ଶ୍ରୀମନ୍ଦିରର ପ୍ରତିଟି ନୀତିକାନ୍ତିରେ ବ୍ୟବହାର ହେଉଥିବା ତୁଳସୀ ଲଗାଯାଇଛି। ତୁଳସୀ ବିନା ଜଗନ୍ନାଥଙ୍କ କୌଣସି କାର୍ଯ୍ୟ ସମ୍ପୂର୍ଣ ହୁଏ ନାହିଁ। ସ୍ୱୟଂ ପ୍ରଭୁ ଜଗନ୍ନାଥ ତୁଳସୀଙ୍କୁ ମସ୍ତକ, ହୃଦୟରେ ଧାରଣ କରିଥାନ୍ତି। ତୁଳସୀ ପତ୍ର ବିନା ମହାପ୍ରଭୁଙ୍କ ମହାପ୍ରସାଦ ଲାଗି ହେଇପାରେନାହିଁ। ଫୁଲ ମାଳ ସହ ତୁଳସୀ ମାଳ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଗଳାରେ ଓ ହସ୍ତରେ ଶୋଭା ପାଇଥାଏ। ଏହି ସମସ୍ତ ବିଷୟକୁ ଧ୍ୟାନରେ ରଖି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ତୁଳସୀକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଇଛି। ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ସ୍ଥାନରେ ପ୍ରଭୁଙ୍କ ଅତିପ୍ରିୟ ତୁଳସୀ ଗଛ ରୋପଣ କରାଯାଇଛି। ତୁଳସୀ ଗଛ ସହ କାମିନୀ, ମଲ୍ଲୀ, ହେନା, ଜୁଇ, ଟଗର, ଟରାଟ, ସୁଗନ୍ଧରାଜ, କୁନ୍ଦମଲ୍ଲୀ, ରେଡ ଆଲ୍ଡର, ଗ୍ରୀନ ଆଲ୍ଡର, ପେଣ୍ଟାସ, ସିଜିୟମ, ଇକଝୋରା, ରୋଇଓ, ଆମାଜନ ବ୍ଲୁ ଓ ପାଣ୍ଡାନସ ଭଳି ଗଛ ଶୋଭା ପାଉଛି।

ବଫର ଜୋନ୍ ପରେ ରହିଛି ୧୦ ମିଟର ଅନ୍ତଃ ପ୍ରଦକ୍ଷଣ ମାର୍ଗ। ଏହାପରେ ୧୪ ମିଟର ପ୍ଲାଣ୍ଟେସନ୍ ଜୋନ୍ ଏବଂ ଏହାପରେ ୮ ମିଟର ବାହ୍ୟ ପ୍ରଦକ୍ଷଣ ମାର୍ଗ କରାଯାଇଛି। ଅର୍ଥାତ ଅନ୍ତଃ ପ୍ରଦକ୍ଷଣ ଓ ବାହ୍ୟ ପ୍ରଦକ୍ଷଣ ମାର୍ଗ ମଝିରେ ରହିଛି ପ୍ଲାଣ୍ଟେସନ ଜୋନ୍। ଶ୍ରଦ୍ଧାଳୁ ଏହି ଦୁଇ ପ୍ରଦକ୍ଷଣ ମାର୍ଗରେ ଗଲେ ସବୁଜ ବଳୟର ସୁନ୍ଦର ଅନୁଭୂତି ସହ ନାନାଦି ଫୁଲର ସୁଗନ୍ଧରେ ବିମୋହିତ ହେବେ। ତେବେ ପ୍ଲାଣ୍ଟେସନ ଜୋନ୍‌ରେ ଛୋଟ ଗଛ ସହ ବଉଳ କୋଳି, ସ୍ୱର୍ଣ୍ଣ ଚମ୍ପା, ରୁଦ୍ର ଚମ୍ପା, କାଠ ଚମ୍ପା, କଦମ୍ବ, ଆକାଶ ମଲ୍ଲୀ, ଗଙ୍ଗ ଶିଉଳି, ନିମ୍ବ, ଛତିଆନା, ନାଗେଶ୍ୱର, ନାଗମଲ୍ଲୀ ଆଦି ବଡ଼ ଗଛ ଲଗାଯାଇଛି। ଏହି ବଡ଼ ଓ ଛୋଟ ବୃକ୍ଷରାଜିଗୁଡ଼ିକୁ ସ୍ଥାନୀୟ ଓ ରାଜ୍ୟ ବାହାରୁ ସଂଗ୍ରହ କରାଯାଇଛି। ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରିରୁ ସର୍ବାଧିକ ଗଛ ଆସିଥିବା ବେଳେ ଉତ୍ତରପ୍ରଦେଶ ଶାହରଣପୁର, କୋଲକାତା, ବେଙ୍ଗାଲୁରୁ, ଛତିଶଗଡ଼, ମହାରାଷ୍ଟ୍ରରୁ ଗଛ ମଗାଯାଇଛି। ରକ୍ଷଣାବେକ୍ଷଣ ପାଇଁ ୧୫୦ରୁ ଅଧିକ ମାଳି ଓ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପୂର୍ବଦ୍ୱାର ତଥା ସିଂହଦ୍ୱାର ପାର୍ଶ୍ୱ ପର୍ବପର୍ବାଣୀ ପାଇଁ ମୁକ୍ତ ରଖାଯାଇଥିଲେ ବି ମୁଭେବୁଲ ପ୍ଲାଣ୍ଟର ବକ୍ସ ମଧ୍ୟରେ ଗଛ ଲଗାଯାଉଛି। ଏହାବ୍ୟତୀତ କିଛି ଡେକୋରେଟେଡ୍ ଗଛ ମୁଭେବୁଲ ପ୍ଲାଣ୍ଟର ମଧ୍ୟରେ ରଖାଯାଇ ସିଂହଦ୍ୱାର ପ୍ରଦକ୍ଷଣ ମାର୍ଗରେ ଶୋଭା ପାଇବ। ରଥଯାତ୍ରା କିମ୍ବା ଅନ୍ୟ ପର୍ବ ପର୍ବାଣୀରେ ଏହାକୁ ସ୍ଥାନାନ୍ତର କରିବା ସହଜ ହେବ।

## ଅବସର ଆଣିଛି ପରିକ୍ରମା ପ୍ରକଳ୍ପ



ଜୁନ୍ ମାସର ଉହତହ ତାତି। ସୂର୍ଯ୍ୟଙ୍କ ପ୍ରଖର କିରଣ ବିଛାଡ଼ି ହୋଇପଡିଥିବ ବଡ଼ଦାଣ୍ଡ ଉପରେ। କଳା ମଚମଚ ପିଚୁ ରାସ୍ତା ବେଶ୍ ସଫେଦ୍ ଦେଖାଯାଉଥିବ। ଆଶ୍ଚର୍ଯ୍ୟ ଜଣେ ହେଲେ ବି ଭକ୍ତ ନ ଥିବେ କି ପୁରୀବାସୀଙ୍କର ବି ଦେଖା ନଥିବ। ଗଡୁ ନଥିବ ଗାଡ଼ିଘୋଡ଼ା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ଖେଳିଯାଇଥିବ ସଂପୂର୍ଣ୍ଣ ନୀରବତା। ଶୂନ୍‌ଶାନ ଥିବ ବଡ଼ଦାଣ୍ଡ ଭାରି ନିଆରା ଲାଗୁଥିବ। ଆଉ ସିଂହଦ୍ୱାର ଆଗରେ ସଜେଇ ହୋଇ ଠିଆ ହୋଇଥିବ ତିନିରଥ। ବିଶ୍ୱନିୟନ୍ତା ରତ୍ନସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସି ରଥରେ ବିଜେ ହେବେ। ହେଲେ ଗୁଣ୍ଡିଚା ମନ୍ଦିରକୁ ରଥ ଭିଡ଼ିବାକୁ ଜଣେ ହେଲେ ଭକ୍ତ ନ ଥିବେ। ସେହି ସେବାୟତ ଠାକୁରଙ୍କୁ ପହଣ୍ଡିରେ ଆଣି ରଥରେ ବିଜେ କରିବା ପରେ ନିଜେ ହିଁ ରଥ ଟାଣିବେ। ହଁ, ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଥିବ, ଏଭଳି ଦୃଶ୍ୟର ଅବତାରଣା କାହିଁକି?


ଥରେ, ମନେପକାନ୍ତୁ ତ ୨୦୨୦ ମସିହା କଥା...। କୋଭିଡ୍‌ର ଘନଘଟା ସାଙ୍ଗକୁ ଜୀବନ, ମରଣ ଲଢ଼େଇ ଭିତରେ କେମିତି ଗଡ଼ିଥିଲା ଆମ କାଳିଆ ସାଆନ୍ତଙ୍କ ରଥ। ଆଇନଗତ ଲଢ଼େଇ ମଧ୍ୟରେ କେମିତି ୨୦୨୦ର ଭକ୍ତଶୂନ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା, ତାହାର ଝଲକ ପୁଣିଥରେ ଦେଖିପାରିବେ ଭକ୍ତ। ଏଭଳି ଅବସର ଆଣିଦେଇଛି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ।

ଗୋଟିଏ ପଟେ ପୁରୀରେ କୋଭିଡ୍ କାୟା ମେଲାଉଥିବା ବେଳେ ଅନ୍ୟପଟେ ୨୦୨୦ ରଥଯାତ୍ରା ହେବ ନା ହେବନି, ତାହାକୁ ନେଇ ଚାଲିଥିଲା ଛକାପଞ୍ଝା। ହେଲେ ରଥ ନିର୍ମାଣ କାମ ସ୍ୱାଭାବିକ ଚାଲିଥିଲା। ଭୟ

## ଭକ୍ତଶୂନ୍ୟ ରଥଯାତ୍ରା ଦେଖିବେ ଭକ୍ତ

ଭିତରେ ବି ମହାପ୍ରଭୁଙ୍କ ପ୍ରତି ସମର୍ପିତ ହୋଇ ରଥ ନିର୍ମାଣ କରୁଥିଲେ ନିର୍ମାଣକାରୀ ସେବକ। ପ୍ରଶାସନ ପକ୍ଷରୁ ବି ପ୍ରସ୍ତୁତି ଚାଲିଥିଲା। ହେଲେ ରଥଯାତ୍ରା ଆୟୋଜନକୁ ନେଇ ପ୍ରଥମେ ମାମଲା ହାଇକୋର୍ଟ ଏବଂ ପରେ ସୁପ୍ରିମ୍‌କୋର୍ଟରେ ଦାଖଲ ହେଲା। ଗୋଟିଏପଟେ ଭଗବାନଙ୍କର ବିଧି ପରମ୍ପରା ଏବଂ ଅନ୍ୟପଟେ ଭକ୍ତଙ୍କ ଜୀବନ ଏହାକୁ ନେଇ ଆଇନଗତ ଲଢ଼େଇ ଲାଗି ରହିଥିଲା। ବିଭିନ୍ନ ବ୍ୟକ୍ତିବିଶେଷ ରଥଯାତ୍ରା ହେଉ ବୋଲି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ୨୦୨୦ ଜୁନ୍ ୧୮ ତାରିଖରେ ସୁପ୍ରିମକୋର୍ଟଙ୍କ ରାୟ ଜଗନ୍ନାଥପ୍ରେମୀ ଭକ୍ତ, ସେବାୟତଙ୍କ ମନରେ ଆଘାତ ଦେଇଥିଲା। 'ବଡ଼ଦାଣ୍ଡରେ ଗଡ଼ିବନି ବିଶ୍ୱନିୟନ୍ତାଙ୍କ ରଥ। ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଯିବେନି କାଳିଆ ଠାକୁର। ମହାମାରୀ କରୋନା ପାଇଁ ପୁରୀ ସମେତ ଓଡ଼ିଶାର କୌଣସି ସ୍ଥାନରେ ବି ରଥଯାତ୍ରା ହୋଇପାରିବ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ରାୟ ଶୁଣାଇଥିଲେ ସୁପ୍ରିମ୍‌କୋର୍ଟ'। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ପରେ ସମସ୍ତଙ୍କ ମନ ଭାଙ୍ଗିଯାଇଥିଲା। ଭକ୍ତ, ସେବାୟତ ବ୍ୟଥିତ ହୋଇପଡ଼ିଥିବା ବେଳେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ। ହେଲେ ଭାବବିନୋଦିଆଙ୍କ ଚମତ୍କାରିତା ଉପରେ ରହିଥିଲା ସମସ୍ତଙ୍କର ଅଗାଧ ବିଶ୍ୱାସ। ଶେଷ ମୁହୂର୍ତ୍ତରେ ମହାପ୍ରଭୁ କିଛି ଚମତ୍କାର କରିବେ ବୋଲି ଚର୍ଚ୍ଚା ଭିତରେ ଦଇତାପତି ନିଯୋଗ, ଛତିଶା ନିଯୋଗ, ପ୍ରତିହାରୀ ନିଯୋଗଙ୍କ ସମେତ ବହୁ ବ୍ୟକ୍ତି ବ୍ୟକ୍ତିଗତ ଭାବେ ସୁପ୍ରିମ୍‌କୋର୍ଟରେ ମୋଡିଫିକେସନ ପିଟିସନ ଦାୟର କରିଥିଲେ। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ମହାସଂଘ ପକ୍ଷରୁ ରାୟର ପୁନର୍ବିଚାର ପାଇଁ ସୁପ୍ରିମ୍‌କୋର୍ଟରେ ରିଭ୍ୟୁ ପିଟିସନ ଦାଖଲ କରାଯାଇଥିବା ବେଳେ କାଳିଆ ଠାକୁରଙ୍କ ମୁସଲମାନ ଭକ୍ତ ବି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଜୁନ୍ ୨୩ ତାରିଖରେ ରଥଯାତ୍ରା ଥିବା ବେଳେ ସୁପ୍ରିମ୍‌କୋର୍ଟ ଆବେଦନକୁ ଗ୍ରହଣ କରିଥିଲେ। ଜୁନ୍ ୨୨ ତାରିଖ ଅପରାହ୍ଣରେ ସୁପ୍ରିମ୍‌କୋର୍ଟ ଦେଇଥିଲେ ଐତିହାସିକ ରାୟ। ତାଙ୍କ ପୂର୍ବ ରାୟର ପୁନର୍ବିଚାର କରି ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ। ବିନା ଭକ୍ତରେ ରଥଯାତ୍ରା କରିବା ଲାଗି ଅନୁମତି ପାଇବା ପରେ ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିଲା ରୁଦ୍ଧଦ୍ୱାର ବୈଠକ। ୨୪ଘଣ୍ଟାରୁ କମ୍ ସମୟ ମଧ୍ୟରେ କିପରି ଘୋଷଯାତ୍ରାକୁ ସୁରୁଖୁରରେ ସମ୍ପନ୍ନ କରାଯିବ, ସେନେଇ ହୋଇଥିଲା ବିଚାର ବିମର୍ଶ। ପୁଣି ଯୁଦ୍ଧକାଳୀନଭିତ୍ତିରେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱର ଉଠାଦୋକାନୀଙ୍କୁ ହଟାଇଥିଲା ପୌର ପ୍ରଶାସନ। ଏକପ୍ରକାର ଧାଁ ଦୌଡ଼ ଭିତରେ ପ୍ରଶାସନିକ ପ୍ରସ୍ତୁତି ଚାଲିଥିବା ବେଳେ ୨୩ତାରିଖରେ ଅନୁଷ୍ଠିତ ହୋଇଥିଲା ଭକ୍ତଶୂନ୍ୟ ରଥଯାତ୍ରା। ଶେଷ ମୁହୂର୍ତ୍ତରେ ଭକ୍ତର ମାନ ରହିଲା। ସବୁ ଆଇନର ଶିକୁଳି ଛିଣ୍ଡାଇ ଗଡିଲା ମହାପ୍ରଭୁଙ୍କ ରଥ। ଶ୍ରୀମନ୍ଦିର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଲେ ଭାବବିନୋଦିଆ। ସେ ବିଶ୍ୱନିୟନ୍ତା, ଜଗତଠାକୁର। ତାଙ୍କୁ ବା ଅଟକାଇବ କିଏ ଏହା ପ୍ରମାଣିତ କରି ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିଥିଲେ ମହାପ୍ରଭୁ। ଏକ ଆବେଗମୟ ମୁହୂର୍ତ୍ତର ପରିସମାପ୍ତି ଘଟିଥିଲା। ହେଲେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରି ନଥିଲେ ଭକ୍ତ। ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଲା ତିନିରଥ। ମହାମାରୀ କରୋନା ପାଇଁ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହୋଇଥିଲା ନୂଆ ଅଧ୍ୟାୟ। ବଡ଼ଦାଣ୍ଡରେ ରଥ ଗଡ଼ିଲା, ହେଲେ ଭକ୍ତ-ଭଗବାନଙ୍କ ମହାମିଳନ ହେଲାନି। ବିନା ଭକ୍ତରେ ସବୁ ଲାଗିଥିଲା ଫିକା ଫିକା। ସେବାୟତମାନେ ଟାଣିଥିଲେ ରଥ। ପ୍ରଚଣ୍ଡ ତାତି ସତ୍ତ୍ୱେ ଘରଘର ନାଦରେ ଗଡ଼ିଥିଲା ତିନିରଥ। ୨୦୨୦ର ଏହି ସ୍ମରଣୀୟ ରଥଯାତ୍ରାକୁ ଏବେ ଭକ୍ତଙ୍କ ସମ୍ମୁଖକୁ ଅଣାଯିବ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ଏହାକୁ ଦେଖିପାରିବେ ଅତିଥି ଏବଂ ଶ୍ରଦ୍ଧାଳୁ। ଏଥିପାଇଁ ବୃହତ୍ ଏଲ୍ଇଡି ଲଗାଯାଉଥିବା ବେଳେ ଏଥିରେ ୨୦୨୦ ରଥଯାତ୍ରାର ଫଟୋଚିତ୍ର ଓ ତଥ୍ୟାବଳୀ ପ୍ରଦର୍ଶନ କରାଯିବ।








ପ୍ରତି ଘରୁ ସଂଗ୍ରହ ହେଉଛି ଚାଉଳ ଓ ଗୁଆ

# କେନ୍ଦୁଝର ଜିଲ୍ଲାର ଗାଁ ଗାଁରେ ବୁଲୁଛି ଅର୍ପଣ ରଥ



## ଭକ୍ତଙ୍କ ମୁହଁରୁ ପଦେ...



**ଦେବଦତ୍ତ ପତି, ପୂଜକ**

ମହାବାହୁଙ୍କ ଇଚ୍ଛାରେ ଆଜି ଏତେ ବଡ଼ କାର୍ଯ୍ୟକ୍ରମ ସମ୍ପନ୍ନ ହେବାକୁ ଯାଉଛି। ସାରା ଓଡ଼ିଶାବାସୀ ଏହି ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠାକୁ ନେଇ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିବା ସହ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ଶେଷ ହେବା ପାଇଁ ଦିନରାତି ପ୍ରାର୍ଥନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।



**ସୁବ୍ରତ କୁମାର ତ୍ରିପାଠୀ, ପୂଜକ, କେଉଁଝର ମନ୍ଦିର**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଦିବସ ପାଖେଇ ଆସୁଥିବାରୁ ଭକ୍ତମାନେ ଅତ୍ୟନ୍ତ ଆନନ୍ଦର ସହ ପ୍ରତିଷ୍ଠା ଦିବସକୁ ଚାହିଁ ରହିଛନ୍ତି। ଏହି କାର୍ଯ୍ୟକ୍ରମର ନାଁ ନିଶ୍ଚୟ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଯେଉଁଠି ଭକ୍ତମାନେ ଠାକୁରଙ୍କୁ ଦେଖିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ତାହା ଧୀରେ ଧୀରେ କମିଯିବ ଏବଂ ସମସ୍ତେ ସୁନ୍ଦର ଓ ସହଜ ଭାବେ ଠାକୁରଙ୍କୁ ଦର୍ଶନ କରିପାରି ନିଜକୁ ଧନ୍ୟ ମଣିବେ।



ଆସନ୍ତା ୧୭ ତାରିଖରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବରେ ରାଜ୍ୟର ପ୍ରତିଟି ଗାଁ ଏବଂ ପ୍ରତ୍ୟେକ ପରିବାରକୁ ସାମିଲ କରିବାକୁ ରାଜ୍ୟ ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଚିନ୍ତା କରିଛନ୍ତି। ଏଥିପାଇଁ ପ୍ରତି ଜିଲ୍ଲାରେ ଅର୍ପଣ ରଥର ଶୁଭାରମ୍ଭ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ମଧ୍ୟ ପ୍ରତି ବ୍ଲକ, ପ୍ରତି ପଞ୍ଚାୟତ ଏବଂ ପ୍ରତି ଗାଁକୁ ରଥ ଗଡ଼ିବା ଆରମ୍ଭ ହୋଇଛି।

ଜିଲ୍ଲାର ୧୩ ଗୋଟି ବ୍ଲକ୍ ଏବଂ ୫ଟି ପୌରସଂସ୍ଥା ଅନ୍ତର୍ଗତ କ୍ଷେତ୍ରରେ ଘରକୁ ଘର ବୁଲି ଏହି ରଥ ଚାଉଳ, ଗୁଆ ଓ ନଡ଼ିଆ ଇତ୍ୟାଦି ସଂଗ୍ରହ କରୁଛି। ଅଗଣିତ ଜଗନ୍ନାଥପ୍ରେମୀ ଅତି ସରାଗରେ ନିଜ ପରିବାରର ମୁରବୀ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଚାଉଳ ଓ ଗୁଆ ସମର୍ପି ଦେଉଛନ୍ତି। ଏହି ରଥ ଜିଲ୍ଲାର ଯେଉଁ ସ୍ଥାନରେ ପହଞ୍ଚୁଛି, ସେଠି ଭକ୍ତିର ଅପୂର୍ବ ପରିବେଶ ସୃଷ୍ଟି କରୁଛି। ଖୋଳ କୀର୍ତ୍ତନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗାଁ କମ୍ପୁଛି। ମା' ମାନେ ରାସ୍ତାରେ ଝୋଟି ପକାଇ, ହୁଳହୁଳି ଦେଇ, ଧୂପ ଦୀପ ଜାଳି, ବନ୍ଦାପନା କରି ରଥକୁ ସ୍ୱାଗତ କରୁଛନ୍ତି। ସମଗ୍ର ଜିଲ୍ଲାରେ ଜଗନ୍ନାଥ ସଂସ୍କୃତିକୁ ଯେଭଳି ମହିମାନ୍ୱିତ କରିଛି ଏହି ଅର୍ପଣ ରଥ।

ଆନନ୍ଦପୁର ଅନ୍ତର୍ଗତ ଘସିପୁରା ବ୍ଲକ କେଶଦୁରାପାଳ ପଞ୍ଚାୟତରେ ଶୁଭାରମ୍ଭ ହେଲା ଜୟ ଜଗନ୍ନାଥ ଅର୍ପଣ ରଥ, ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତ ଜାନୁଆରୀ ୧୭ ତାରିଖ ଦିନ ହେବ। ଏନେଇ ବ୍ଲକରୁ ରଥ ବାହାରି ବିଭିନ୍ନ ପଞ୍ଚାୟତରେ ପହଁଞ୍ଚିବା ପରେ ଘଷିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବା ଶିଷ ପାତ୍ର, ସରପଞ୍ଚ ମାନସୀ ମହାରଣା, ସମିତି ସଭ୍ୟା କୁନ୍ତଳା ମହାରଣା, ପର୍ଶୁରାମ ମହାରଣା, ସାମ୍ବାଦିକ ଅବିନାଶ ଶତପଥୀ, ଶିକ୍ଷାବିତ ହରି ପ୍ରସାଦ ମିଶ୍ର, ହୃଷିକେଶ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ବିନ୍ଧାଣି, ରମା ଜେନା, ମଥୁରା ସାହୁ, ଗଣେଶ ମହାଳିକ ଓ ସ୍ୱଂୟ ସହାୟକ ମା'ମାନେ, ହଜାର ହଜାର ଯୁବକ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରାମଚନ୍ଦ୍ରପୁର ପଞ୍ଚାୟତରେ ଶୁଭାରମ୍ଭ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରି ଘରେ ଘରେ ବୁଲି ନାମ ସଂକୀର୍ତ୍ତନ କରିବା ସହ ମିଶନ ଶକ୍ତି ମା'ମାନେ ହୁଳହୁଳି ଶଙ୍ଖ ବଜାଇ ପ୍ରତ୍ୟେକଙ୍କ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରି ଆଣିଥିଲେ ।

'ଜୟ ଜଗନ୍ନାଥ', ଜୟ ଜଗନ୍ନାଥମୟ ପରିବେଶରେ ମହକିଲାଣି ଓଡ଼ିଶା। ଏବେ ଓଡ଼ିଶା ମହକୁଛି ଆଉ ଆଗକୁ ଦେଶ ଓ ସାରାବିଶ୍ୱ ମହକିବ ମହାପ୍ରଭୁଙ୍କର ସେଇ ଅପୂର୍ବ ଶୋଭା ଓ ମହିମାରେ। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଓ ହୃଦୟରେ ଶ୍ରୀଜଗନ୍ନାଥଙ୍କ ନାମ ଗୁଞ୍ଜରିତ ହେବା ଫଳରେ ସବୁ ଆଡେ କେମିତି ଏକ ଦିବ୍ୟ ଚେତନା ଜାଗରଣ ହେବାରେ ଲାଗିଛି। ପବିତ୍ର ମାଟି ଶ୍ରୀକ୍ଷେତ୍ରରେ ଏବେ ଦିନ ରାତି କିଛି ଜଣାପଡୁନାହିଁ। ସବୁଆଡେ ଖାଲି ଜଗନ୍ନାଥଙ୍କ ନାମ ଓ କାମ। ସମସ୍ତେ ବିଭୋର ହେଲେଣି, ଆତୁର ହେଲେଣି। କେମିତି ସହଳରେ ବଡ଼ ଠାକୁରଙ୍କର ସବୁକାମ ଠିକଣାଭାବେ ସୁରୁଖୁରୁରେ ହୋଇଯିବ। ଏଥିପାଇଁ କେବଳ ପୁରୀ ଜିଲ୍ଲା ନୁହେଁ ସମଗ୍ର ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପରତାର ସହ ଲାଗିପଡିଛନ୍ତି। ୧୭ତାରିଖର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମାରୋହ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ସମସ୍ତେ କାମ କରୁଛନ୍ତି। ସମଗ୍ର ବିଶ୍ୱରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ଏହି ମହନୀୟ କାର୍ଯ୍ୟକ୍ରମ ପାଇଁ ସ୍ୱପ୍ନ ଦେଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଏହାକୁ ବାସ୍ତବ ରୂପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ସ୍ଥାନୀୟବାସିନ୍ଦା ଭକ୍ତ ଓ ସେବାୟତ ସମସ୍ତେ ପ୍ରଂଶସାର ପାତ୍ର ହୋଇଛନ୍ତି। ବିଭିନ୍ନ ମହଲରୁ ଏବେ ପ୍ରଂଶସା ସୁଅ ଛୁଟିଛି।



# ସୁନ୍ଦରଗଡର କୋଣ ଅନୁକୋଣରେ ଶୁଭୁଛି 'ଜୟ ଜଗନ୍ନାଥ' ଧ୍ୱନି

ଚଳିତ ୧୭ରେ ଶ୍ରୀକ୍ଷେତ୍ର ପୁରୀରେ ଲୋକାର୍ପଣ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଏଥି ନିମନ୍ତେ ସାରା ରାଜ୍ୟରେ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଏବଂ ଉତ୍ସାହ ଦେଖା ଦେଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲ୍ଲାର ପ୍ରଶାସନ ତରଫରୁ ଜୟ ଜଗନ୍ନାଥ ଅର୍ପଣ ରଥର ଉଦ୍‌ଘାଟନ କରାଯାଇଅଛି। ଯାହା କି ଗାଁ ଗାଁ କୁ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଅଛି । ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୮୧ ଗୋଟି ରଥ ଏବେ ପ୍ରତି ଜିଲ୍ଲାର ଗାଁକୁ ଗାଁ ବୁଲି ଲୋକଙ୍କଠାରୁ ଗୁଆ ଅରୁଆ ଚାଉଳ ସଂଗ୍ରହ କରୁଛନ୍ତି । ଏହି ରଥ ଏପର୍ଯ୍ୟନ୍ତ ମୋଟ ୮୮ଟି ଗ୍ରାମ ପଞ୍ଚାୟତର ୪୧୩ଟି ଗାଁରେ ଲୋକଙ୍କ ପାଖରେ ପହଁଞ୍ଚି ସାରିଲାଣି । ପ୍ରତି ରଥକୁ ସୁସଜ୍ଜିତ କରାଯାଇଥିବାବେଳେ ରଥରେ ଜଗନ୍ନାଥଙ୍କ ଭଜନ ମଧ୍ୟ ଡ଼ାକବାଜି ଯନ୍ତ୍ର ଦ୍ୱାରା ପରିବେଷଣ କରାଯାଉଅଛି, ଯାହା କି ପରିବେଶକୁ ଭକ୍ତି ମୟ କରୁଅଛି। ଏହା ସହ ପ୍ରତ୍ୟେକ ରଥରେ



## ଶ୍ରଦ୍ଧାଳୁଙ୍କ ଠାରୁ ପଦେ...

**ତନୁଶ୍ରୀ ମହାପାତ୍ର, ଭକ୍ତ, ସୁନ୍ଦରଗଡ**



ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ରାଜା ରାଜେଶ୍ୱର କୋଟି ଓଡ଼ିଆଙ୍କ ମଉଡମଣି ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଦିବସ ବିନା ବାଧାବିଘ୍ନରେ ସଂଗଠିତ ହେଉ ବୋଲି ଗୁହାରୀ କରୁଛି। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଏବଂ ଗୌରବର ବିଷୟ। ଇଛାମୟଙ୍କ ଇଛାରେ ସବୁକିଛି ଠିକ୍ ଠିକ୍ ହେବ ବୋଲି ଜଣାପଡୁଛି। ଏହି କାର୍ଯ୍ୟକ୍ରମ ପାଇଁ ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି।

ଜଣେ ଜଣେ ସ୍ଥାନୀୟ ଅଧିକାରୀ ରହୁଛନ୍ତି, ଯିଏ କି ପରିକ୍ରମା ପ୍ରକଳ୍ପ ସମ୍ବନ୍ଧରେ ଲୋକଙ୍କୁ ଜଣାଉଛନ୍ତି। ଏହା ଦ୍ୱାରା ଲୋକମାନଙ୍କ ମଧ୍ୟରେ ପରିକ୍ରମା ପ୍ରକଳ୍ପକୁ ନେଇ ଆଗ୍ରହ ପ୍ରକାଶ ପାଇବା ସହ ଆଗକୁ ଲୋକମାନେ ପୁରୀ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଏଠାରୁ ସଂଗୃହୀତ ହେଉଥିବା ଚାଉଳ ଆଉ ଗୁଆ ସ୍ଥାନୀୟ ଏକ ମନ୍ଦିରରେ ରଖାଯିବାର ବ୍ୟବସ୍ଥା ହୋଇଛି ।

ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ସିଧା ସଳଖ ଗ୍ରାମ ପଞ୍ଚାୟତ ସ୍ତରରେ ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଜାନୁଆରୀ ୧୭ରେ ଶ୍ରୀକ୍ଷେତ୍ର ପୁରୀରେ ଲୋକାର୍ପଣ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଏଯାବତ୍ ମୋଟ ୧୦୧ଟି ଜୟ ଜଗନ୍ନାଥ ଅର୍ପଣ ରଥର ଉଦ୍‌ଘାଟନ କରାଯାଇଅଛି, ଯାହାକି ଗାଁକୁ ଗାଁ ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଅଛି।

ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୧୦୧ ଗୋଟି ରଥ ଏବେ ଜିଲ୍ଲାରେ ଗାଁକୁ ଗାଁ ବୁଲି ଲୋକଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛନ୍ତି । ଏଯାଏ ମୋଟ ୧୬୭ଟି ଗ୍ରାମ ପଞ୍ଚାୟତର ୯୮୪ଟି ଗାଁର ଲୋକଙ୍କ ପାଖରେ ପହଞ୍ଚି ସାରିଲାଣି। ପ୍ରତି ରଥକୁ ସୁସଜ୍ଜିତ କରାଯାଇଥିବାବେଳେ ରଥରେ ଜଗନ୍ନାଥ ଭଜନ ମଧ୍ୟ ପରିବେଷଣ କରାଯାଉଅଛି । ଏହା ଦ୍ୱାରା ଲୋକମାନଙ୍କ ମଧ୍ୟରେ ପରିକ୍ରମା ପ୍ରକଳ୍ପକୁ ନେଇ ଆଗ୍ରହ ପ୍ରକାଶ ମଧ୍ୟ କରୁଛନ୍ତି। ଏଠାରୁ ସଂଗୃହୀତ ହେଉଥିବା ଚାଉଳ ଆଉ ଗୁଆ ସ୍ଥାନୀୟ ଏକ ମନ୍ଦିରରେ ରଖାଯିବାର ବ୍ୟବସ୍ଥା ହୋଇଛି । ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ସିଧା ସଳଖ ଗ୍ରାମ ପଞ୍ଚାୟତ ସ୍ତରରେ ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା ହେବା ସହ ସ୍ଥାନୀୟ ଅଞ୍ଚଳରେ ଲୋକମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହେଉଛି ।

# ଗଜପତିରେ ଶୁଭିଲା ଜୟ ଜଗନ୍ନାଥ ଅର୍ପଣ ରଥର ଓଁକାର

ଜୟ ଜଗନ୍ନାଥମୟ ପରିବେଶରେ ମହକିଲାଣି ଓଡ଼ିଶା

ଗଜପତି ଜିଲ୍ଲା କାଶୀନଗରରେ ଶୁଭିଲା ଜୟ ଜଗନ୍ନାଥ ଅର୍ପଣ ରଥର ଓଁକାର। ଜଗନ୍ନାଥ ମନ୍ଦିରରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବିଡ଼ିଓ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡ଼ି ପର୍ଯ୍ୟବେକ୍ଷକ ଶଶୀ ଭୂଷଣ ମହାନ୍ତି, ଯୁବ ନେତା ଇଂ ରୂପେସ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ରାଜଲକ୍ଷ୍ମୀ, କାଶିନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାଢ଼ୀ, ବ୍ଲକର ସମସ୍ତ ଯନ୍ତ୍ରୀ, କର୍ମଚାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।ଏହି ଅବସରରେ କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ କରିବା ସହ ଘରୁ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରଯାଇଥିଲା।

ଜଗନ୍ନାଥ ଇଚ୍ଛା ମୟ ତାଙ୍କରି ଇଚ୍ଛାରେ ଏହି ଅର୍ପଣ ରଥ ଆଜି ପାରଳା ସହରରେ ଭାବ ଓ ଭକ୍ତିର ଏକ ସମର୍ପଣର ଭାବାବେଗରେ ଜୟ ଜଗନ୍ନାଥ ଘୋଷା ଚାଲିଛି। ଜଗତର ମଙ୍ଗଳ ହେଉ ଆମ ପାରଳା ସହର ସର୍ବ ବିକାଶ ହେଉ ଏହାହିଁ ଜଗନ୍ନାଥଙ୍କ ପାଖରେ ନିବେଦନ। ସମଗ୍ର ବିଶ୍ୱରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ଏହି ମହନୀୟ କାର୍ଯ୍ୟକ୍ରମ ପାଇଁ ସ୍ୱପ୍ନ ଦେଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଏହାକୁ ବାସ୍ତବ ରୂପାୟନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ସ୍ଥାନୀୟବାସିନ୍ଦା ଭକ୍ତ ଓ ସେବାୟତ ସମସ୍ତେ ପ୍ରଂଶସାର ପାତ୍ର ହୋଇଛନ୍ତି। ଜୟ ଜଗନ୍ନାଥ।

**ଦୁର୍ଗା ମାଧବ ପାଣିଗ୍ରାହୀ । ଜଗନ୍ନାଥ ଭକ୍ତ**





ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ସୁଧୁରୁନି ଖୁଚୁରା ବଜାର ସ୍ଥିତି

ରାଜ୍ୟର ଖୁଚୁରା ବଜାରରେ ଦରଦାମ୍ ସ୍ଥିତି ସୁଧୁରିବା ବଦଳରେ ଆହୁରି ବିଗିଡ଼ିଯାଇଛି । ୨୦୨୩ ଡିସେମ୍ବରରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ୮.୭୩ ପ୍ରତିଶତ ଭଳି ଉଚ୍ଚ ସ୍ତରକୁ ବୃଦ୍ଧି ପାଇଛି । ତାହାର ମାସ ପୂର୍ବରୁ ଅର୍ଥାତ ୨୦୨୩ ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ତାଠାରୁ କମ୍ ୭.୬୫ ପ୍ରତିଶତ ଥିଲା । ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ଲଗାତାର ଭାବେ ଦେଶରେ ସବୁଠୁ ଅଧିକ ରହୁଛି । ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ସହନଶୀଳ ସୀମାଠାରୁ ବହୁ ଦୂରରେ ରହିଛି । ଗତବର୍ଷ ନଭେମ୍ବରରେ ଦରଦାମ୍‌ର ଯେଉଁ ସ୍ଥିତି ଥିଲା ଡିସେମ୍ବରରେ ତାହା ଆହୁରି ବିଗିଡ଼ିଯାଇଛି ।

ଆଜି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ତଥ୍ୟ ଅନୁସାରେ ଡିସେମ୍ବରରେ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ୫.୬୯ ପ୍ରତିଶତ ରହିଛି । ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ହାର ଚାରି ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରକୁ ବୃଦ୍ଧି ପାଇଛି । ଗତ ନଭେମ୍ବରରେ ଏହି ହାର ୫.୫୫ ପ୍ରତିଶତ ଥିଲା । ଖାଦ୍ୟ ସାମଗ୍ରୀ ମହଙ୍ଗା ହେବାରୁ ଖୁଚୁରା ମୁଦ୍ରାସ୍ଫୀତି ହାର ବଢ଼ିଛି । ଏନ୍‌ଏସ୍‌ଓ ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ରାଜ୍ୟରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳ ଲୋକମାନଙ୍କ ଉପରେ ଦରବୃଦ୍ଧିର ଚାପ ଅଧିକ ରହିଛି । ୨୦୨୩ ଡିସେମ୍ବରରେ ସହରାଞ୍ଚଳ ମୁଦ୍ରାସ୍ଫୀତି ୯.୧୨ ପ୍ରତିଶତ ଥିବା ବେଳେ ଗ୍ରାମାଞ୍ଚଳରେ ତାହା ୮.୬୩ ପ୍ରତିଶତ ରହିଛି । ଓଡ଼ିଶାରେ ଖୁଚୁରା ମୁଦ୍ରାସ୍ଫୀତି ଲାଗାତାର ଭାବେ ଦେଶରେ ଏକ ନମ୍ବର ରହୁଛି । ବିଶେଷଜ୍ଞମାନଙ୍କ ମତରେ ଯେହେତୁ ଓଡ଼ିଶା ଅଧିକାଂଶ ଜିନିଷ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ, ସେଥିପାଇଁ ଏଠାରେ ଲୋକମାନଙ୍କୁ ବହୁ ଜିନିଷ ଅଧିକ ଦାମ୍‌ରେ କିଣିବାକୁ ପଡୁଛି । ଯେହେତୁ ଜିନିଷଗୁଡ଼ିକୁ ପରିବହନ କରି ଦୂର ସ୍ଥାନରୁ ଅଣାଯାଉଛି ତେଣୁ ପରିବହନ ଭଡ଼ା ଓ ଆହୁରି ବିଭିନ୍ନ ପ୍ରକାର ଶୁଳ୍କ ସେଥିରେ ଯୋଡ଼ି ହୋଇଯାଉଛି ବୋଲି ସେମାନେ କହିଛନ୍ତି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ ଏକାକ୍ଷର ତତ୍ତ୍ୱ


'ଅ'- ଅନନ୍ତାୟ ନମଃ

'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ
ରାମ ରାମ ହରେ ହରେ'

ଅତୀତ ଭୂତ ଭବିଷ୍ୟତ
ହେ ଦାରୁ ବ୍ରହ୍ମ ଜଗନ୍ନାଥ (୧୩)
ସର୍ବଘଟରେ ବିଜେକରି
ବୋଲାଇ ଅଛ ତୁମ୍ଭେ ହରି (୧୪)
ସର୍ବ ସ୍ଥାନରେ ଅଛ ପୁରି
ତେଣୁ ଶ୍ରୀକ୍ଷେତ୍ର ନାମ ପୁରୀ (୧୫)
ଗୁଣ ନିର୍ଗୁଣ ପୂର୍ଣ୍ଣବ୍ରହ୍ମ
ତେଣୁଟି ହେଲ ପରଂବ୍ରହ୍ମ (୧୬)
ଚଳ ଅଚଳ ମହାକାଳ
କି କରିପାରେ କଳିକାଳ (୧୭)
ଯା ନାମେ ମୁକ୍ତି ଦ୍ୱାରେ ଠିଆ
କି କରିପାରେ କଳି ରାଜା (୧୮)
ଏଣୁ ତୋ ନାମେ ଆଶ୍ରାକରି
ଭବ ସମୁଦ୍ର ହୁଏ ପାରି (୧୯)
ଏତିକି ଦୟା ସଦାଥାଉ
ଅଭି ନବାଞ୍ଛେ ଆନ କାହୁଁ (୨୦)
ଜୀବ ଜଗତ ଜଗନ୍ନାଥ
ତୋ ନାମୁ ନାହିଁ ଆନ ପଥ (୨୧)

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ


ଅକ୍ଷୟ କୁମାର ରାଉତ
ପାରଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫




ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୟେନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି । ଚାଲିଥିଲା ଓଡ଼ିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡ଼ିଶାର ଜମିବାଡ଼ିକୁ ନିଲାମ କରୁଥିଲେ । ଷଡ଼ଯନ୍ତ୍ର କରି ଓଡ଼ିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଜନ୍ମନେଲେ ଓଡ଼ିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଈ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀର ମୋହନଙ୍କର ପିତୃମାତୃ ଦତ୍ତ ନାମ ଥିଲା ବ୍ରଜ ମୋହନ । ଦୁଃସାଧ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜ ମୋହନ ହେଲେ ଫକୀର ମୋହନ ।

ବଡ଼ ବାପାଙ୍କ ଅତ୍ୟାଚାର, ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶ୍ୱ ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡ଼ିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡ଼ି ଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବେନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଞ୍ଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ଼ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ ।

ପଣ୍ଡିତ ବିଶ୍ୱନାଥ ଲେଖିଥିଲେ - "ଲଜ୍ଜାବତୀ ନେଛତି ତନ୍ତ ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

"ଉତ୍ତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା
ଲଜ୍ଜାବତୀ ନେଛତି ତନ୍ତ ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡ଼ିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡ଼ିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀ ଶିକ୍ଷାର ପ୍ରଚାର, ଓଡ଼ିଆ ଭାଷାର ପ୍ରତିରକ୍ଷା ଏବଂ ଓଡ଼ିଆ ଭାଷାର ପୁଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀର ମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ରେଭେନ୍‌ସା ସାହେବ ଓଡ଼ିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡ଼ିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡ଼ିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡ଼ିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡ଼ିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡ଼ିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡ଼ିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡ଼ଯନ୍ତ୍ର କରି ଓଡ଼ିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡ଼ିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ଼ ଆଘାତ ଦେଉଥିଲା । ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡ଼ିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡ଼ିଆମାନେ ଚିରକାଳ ପଡ଼ୋଶୀ ମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡ଼ିଆରେ ଅନୁବାଦ କରି ଛପାଇଥିଲେ । ଫକୀର ମୋହନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱର ଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡ଼ିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡ଼ିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡ଼ିଆ ଏକ ଭାଷା ନୁହେଁ, ଏହି ମର୍ମରେ 'ଓଡ଼ିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡ଼ିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡ଼ିଆମାନଙ୍କୁ ସଂଗଠିତ କରି ସରକାରଙ୍କ ଠାରେ ଦରଖାସ୍ତ କରିବାରୁ ସରକାରଙ୍କ ଠାରୁ ଆସିଲା ହୁକୁମ - "ଓଡ଼ିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡ଼ିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟ ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା । ଏହି ସମୟରେ ଫକୀର ମୋହନ "ଭାରତ ବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କ ଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଣ୍ଟ, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ ।

ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତ୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରରେ ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ସାହାଯ୍ୟରେ ଆରବିଆନ୍ ନାଇଟ୍, ରବିନ୍‌ସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀଙ୍କୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡ଼ିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତ୍ତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା । ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡ଼ିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝରେ ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ । (୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡ଼ିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ । 'ଅପୂର୍ବ ମିଳନ' ବା 'ଲଚ୍ଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାବରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସ୍ୱରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସିହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଞ୍ଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ ।

# ଶ୍ରୀ ବିଷ୍ଣୁ


ପ୍ରଦୀପ୍ତ କୁମାର କର
ପ୍ଲଟ୍ ନଂ-୨୫, ସୂର୍ଯ୍ୟନଗର
ଭୁବନେଶ୍ୱର
ମୋ-୯୪୩୭୦୮୪୩୧୨

ହିନ୍ଦୁ ଧର୍ମରେ ସମସ୍ତ ପୂଜା ଅନୁଷ୍ଠାନ ଅତ୍ୟନ୍ତ ନିଷ୍ଠା ଓ ପବିତ୍ରତାର ସହ କରାଯାଏ । ସର୍ବ ପ୍ରଥମେ ଆରାଧ୍ୟ ଦେବତାଙ୍କୁ ନିଜର ଅଙ୍ଗରେ ସ୍ଥାପନ କରାଯାଇ ଶରୀରର ସମସ୍ତ ଅଙ୍ଗରେ ପ୍ରଭୁଙ୍କୁ କଳ୍ପନା କରାଯାଇ ମନର ଶୁଦ୍ଧତା ସହ ପୂଜା କରାଯାଏ । ଏହା ଦ୍ୱାରା ପୂଜକ ନିଜକୁ ସେ ଓ ଆରାଧ୍ୟ ଦେବତା ଅଭିନ୍ନ ନୁହନ୍ତି । ଏହି ଭାବ ସୃଷ୍ଟି ହୁଏ ଯେ ମୁଁ ହିଁ ଈଶ୍ୱର ଓ ମୋ ଭିତରେ ଈଶ୍ୱର ସମାହିତ । ଏହା ହିଁ କୌଣସି ପୂଜକ ବା ସାଧକର ସର୍ବଶେଷ ସିଦ୍ଧି । ଏହି ପୂଜା ପଦ୍ଧତି ଦ୍ୱାରା ସାରା ସଂସାରର ସ୍ୱାମୀ ପ୍ରଭୁ ବିଷ୍ଣୁଙ୍କୁ ବିନା ରୂପ, ନାମରେ ମଧ୍ୟ ଅସୀମ ରୂପରେ ଅନୁଭବ କରି ହୁଏ । ଏହି ଅନୁଭବ କ୍ଷଣିକ ପାଇଁ ହେଲେ ମଧ୍ୟ ଏହା ସାଧକ ବା ପୂଜକ ମନରେ ଦିବ୍ୟ ଅନୁଭୂତି ଜାଗ୍ରତ ହୋଇ ମନରେ ଶକ୍ତି, ସାମର୍ଥ୍ୟ ଓ ପ୍ରେରଣା ପ୍ରଦାନ କରେ । ଶରୀର ସୃଷ୍ଟି କର୍ତ୍ତାଙ୍କ ବିଷ୍ଣୁଙ୍କ ମନ୍ଦିର ଅଟେ । ଶ୍ରଦ୍ଧା, ବିଶ୍ୱାସ ଓ ପ୍ରେମର ସହିତ ଈଶ୍ୱରଙ୍କୁ ଭିନ୍ନ ଭିନ୍ନ ରୂପ ଦେଇ ଆବାହନ କରିବାକୁ ହୁଏ । ଆମେ ଏ ବିଶ୍ୱର ସ୍ୱାମୀ ଶ୍ରୀ ବିଷ୍ଣୁଙ୍କୁ ସର୍ବଦା ଧ୍ୟାନ କରୁଛୁ । ଯିଏ ସର୍ବଦା ପ୍ରଶାନ୍ତ, ଶାନ୍ତି ମୟ, ଯିଏ ଶେଷନାଗ ଉପରେ ଶୟନ କରିଥାନ୍ତି, ଯିଏ ମେଘ ବର୍ଣ୍ଣ ପରି, ମା' ଲକ୍ଷ୍ମୀଙ୍କ ସ୍ୱାମୀ, ଭବସାଗର ଭୟକୁ ହରଣ କରନ୍ତି । ଆମେ ନିଜର ଧ୍ୟାନ ସହିତ ତାଙ୍କୁ ପୁରା ମାତ୍ରାରେ ସମର୍ପିତ ହେବା ଉଚିତ୍ । ବିଷ୍ଣୁ ଶବ୍ଦର ଉତ୍ପତ୍ତି ହେଉଛି ବିଭେଷ୍ଟି ବ୍ୟପ୍ନୋତି ଇତି ବିଷ୍ଣୁ ଯାହାର ଅର୍ଥ ହେଉଛି- ଯିଏ ସର୍ବତ୍ର ବ୍ୟାପ୍ତ, ଅନ୍ତହିନ, ଯାହାର କଳ୍ପନା ସଂସାରରେ କେହି କରିପାରିବେ ନାହିଁ, ପରମେଶ୍ୱର ବିଷ୍ଣୁ ହେଉଛନ୍ତି । ସମସ୍ତ କାଳର ଉର୍ଦ୍ଧ୍ୱରେ ଭୁତ, ଭବିଷ୍ୟତ, ଅତୀତ, ବର୍ତ୍ତମାନ, ଏ ସମସ୍ତ ତାଙ୍କ ଦ୍ୱାରା ଆୟତ । ସେ ସମୟର ପରିବର୍ତ୍ତନରେ ପରିବର୍ତ୍ତିତ ନୁହଁନ୍ତି । ସମସ୍ତ ସଜୀବ ମଧ୍ୟରେ ଯିଏ ପ୍ରାଣ ସତ୍ତା ରୂପେ ବିଦ୍ୟମାନ ସ୍ୱତନ୍ତ୍ର ଭାବରେ ସିଏ ପ୍ରତ୍ୟେକ ଜୀବର ପ୍ରତିପାଳକ, ସଂସ୍ଥାପକ । ଶ୍ରୀ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ସ୍ୱୟଂ ଭଗବାନ କହିଛନ୍ତି ଯେ ବିଶ୍ୱ ବ୍ରହ୍ମାଣ୍ଡର ସର୍ଜନା ଭିତରେ ହିଁ ମୁଁ ବିଦ୍ୟମାନ । ସକଳ ଭୂତ ମଧ୍ୟରେ ପ୍ରାଣ ସତ୍ତା, ସମସ୍ତ ଭୌତିକ ବସ୍ତୁ ମଧ୍ୟରେ ଯେଉଁ ସତ୍ତା ପ୍ରବାହ । ସେଥିରେ ମୁଁ ବିଦ୍ୟମାନ । ବେଦରେ ଯାହାକୁ ପରଂବ୍ରହ୍ମ ବୋଲି କୁହାଯାଏ । ଭଗବତ ଗୀତାରେ ସେ ଏକହିଁ ଆତ୍ମା ସର୍ବ ଭୁତରେ ବିରାଜିତ ବୋଲି କୁହାଯାଏ । ଅନେକ ସମୟରେ ମନୁଷ୍ୟ ଏହି ଜାଗତିକ ପ୍ରକୃତିର ମୋହରେ ପଡ଼ି ପଥଭ୍ରଷ୍ଟ ହୋଇ ନିଜ ଭାଗ୍ୟକୁ ନିନ୍ଦା କରେ । ଯାହା ଦ୍ୱାରା ଏ ସଂସାର ତାକୁ ଅନେକ ଦୁଃଖପୂର୍ଣ୍ଣ ମନେହୁଏ । ମାତ୍ର ପ୍ରଭୁଙ୍କ ପଦାରବିନ୍ଦରେ ନିଷ୍ଠା ପୂର୍ଣ୍ଣ ପୂଜନ ଓ ନିଜର ସମର୍ପଣ ଦ୍ୱାରା ମନୁଷ୍ୟର ଚେତନା ଶକ୍ତି ଜାଗ୍ରତ ହୋଇ ପରମାତ୍ମାଙ୍କ ସହିତ ମିଳନ ହୁଏ ଓ ସେଠାରୁ ଆତ୍ମାର ଆଉ ଫେରିବାର ବାଟ ନାହିଁ । ଏଠାରେ ଜୀବନ ମୁକ୍ତ ହୋଇ ଆତ୍ମା ପରମ ଗତିକୁ ପ୍ରାପ୍ତ ହୁଏ । ଜୀବ ରୂପରେ ଅବସ୍ଥିତ ଆତ୍ମା ନବ ଦ୍ୱାର ବିଶିଷ୍ଟ ଶରୀର ମଧ୍ୟରେ ଦେହୀ ବା ଜୀବାତ୍ମା ଭୁତ ପ୍ରକୃତିର ନିର୍ଦ୍ଦେଶରେ କାର୍ଯ୍ୟରତ ଶରୀରରେ ବାନ୍ଧି ହୋଇ ରହିଛି । ଜୀବନରେ ଯାହାକିଛି ହୋଇଛି ବା ହେଉଛି ତାହା ବିଧି ଅନୁସାରେ ହିଁ ହେଉଛି । ପ୍ରଭୁ ବିଷ୍ଣୁ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସର୍ବଦା ନିରୀକ୍ଷଣ କରିଥାନ୍ତି । ପ୍ରାରବ୍ଧ ଅନୁସାରେ ଜୀବ ସୁଖ, ଦୁଃଖ, କର୍ମ, ଅକର୍ମକୁ ଭୋଗ କରିଥାଏ । ପ୍ରଭୁ କେବଳ ଏହାକୁ ନିରୀକ୍ଷଣ କରିଥାନ୍ତି । ଅଥଚ ବିଧି ତାର କର୍ମ କରି ଚାଲିଥାଏ । ଯେମିତି ଭଗବାନ ସୂର୍ଯ୍ୟ ସକଳ ଜୀବ ଜଗତ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି । ଅଥଚ କାହା ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ଠିକ ସେହିପରି ଆତ୍ମା ପ୍ରତ୍ୟେକ କର୍ମର ସାକ୍ଷୀ ରୂପେ ପ୍ରତୀୟମାନ ହେଲେ ମଧ୍ୟ କୌଣସି କର୍ମରେ ଲିପ୍ତ ରହନ୍ତି ନାହିଁ । ଯାହାର କ୍ଷୟ ନାହିଁ, ଯିଏ ବିନା ସମୟ, ସ୍ଥାନ, କାଳ ମଧ୍ୟରେ ସୀମାବଦ୍ଧ ନୁହେଁ, ଯାହାକୁ ଅଗ୍ନି କବଳିତ କରିପାରେ ନାହିଁ । ଜଳରେ ବୁଡ଼ି ପାରେ ନାହିଁ, ବାୟୁ ଉଡ଼ାଇ ପାରେନାହିଁ । ସେହି ଆତ୍ମା ହିଁ ପ୍ରଭୁଙ୍କ ଅତି ନିକଟର । ଏହି ସଂସାରର କଲ୍ୟାଣ ପାଇଁ ଯିଏ ସ୍ୱଇଚ୍ଛାରେ ଅବତାର ଧାରଣ କରନ୍ତି ସେ ସମ୍ଭବ ଅଟନ୍ତି ଓ ସଂସାରରେ ଧର୍ମର ସଂସ୍ଥାପନ ପାଇଁ ବାରମ୍ବାର ଅବତାର ଧାରଣ କରି ପ୍ରକଟ ହୁଅନ୍ତି । ଯିଏ ନିଜ ଭକ୍ତ ମାନଙ୍କର ବାହ୍ୟିକ ଓ ଆତ୍ମିକ ବିକାଶ କରନ୍ତି ସେ ସଦାଶିବ ମହାଦେବ, ଶିବଙ୍କୁ ମଧ୍ୟ ବିଷ୍ଣୁଙ୍କ ସ୍ୱରୂପ କୁହାଯାଏ । ତେଣୁ ଶିବ ଓ ବିଷ୍ଣୁ ଅଭିନ୍ନ । ସେ ହରିହର ବିଷ୍ଣୁ ସର୍ବଶକ୍ତିମାନ । ତାଙ୍କୁ କୌଣସି ଶକ୍ତି ଆକ୍ରମଣ କରିପାରିବ ନାହିଁ, ସେ ସମସ୍ତ ଶକ୍ତିର ଉର୍ଦ୍ଧ୍ୱରେ ମହା ବିକ୍ରମି, ମହାଶକ୍ତିଶାଳୀ ପୁରାଣ ଅନୁସାରେ ଅନେକ ଦୈତ୍ୟ, ଅସୁରମାନେ, ଅତ୍ୟନ୍ତ ଦୁରାଚାରୀ, ବଳଶାଳୀ ହୋଇ ମଧ୍ୟ ପ୍ରଭୁଙ୍କ ସମ୍ମୁଖରେ ସମସ୍ତେ ବଳହିନ, ଶକ୍ତିହୀନ । ମୃତ୍ୟୁ ସମୟରେ ନିଜର ସତ୍ତା ହରାଇ ଅନ୍ତରରେ ପରିବର୍ତ୍ତନ ଆଣି ପ୍ରଭୁଙ୍କ ଶରଣରେ ଆସନ୍ତି । ସମସ୍ତ ଦୁଃଖ ,ନୈରାଶ୍ୟ ,ଅପୂର୍ଣ୍ଣ ଓ ବିଫଳତାକୁ ଖଣ୍ଡନ କରି ଭକ୍ତକୁ ନିଜ ଶରଣରେ ନେଇ ଶାନ୍ତି ପ୍ରଦାନ । ସେ ହିଁ ପରମାତ୍ମା ବିଷ୍ଣୁ । ସେ ହିଁ ବିଷ୍ଣୁ, ସେ ହିଁ ଶିବ, ସେହି ଜଗନ୍ନାଥ , ଆମେ ଭଗବାନ ବୋଲି ଯେଉଁ ଅଦୃଶ୍ୟ ଶକ୍ତିକୁ ପ୍ରଣାମ କରୁ, ଯାହାକୁ ନିଜର ସମସ୍ତ ଭାବକୁ ବିନା ସଙ୍କୋଚରେ ପ୍ରକାଶ କରିପାରେ, ଯାହାର ସାହାଯ୍ୟ ବିନା ଆମର ପୃଥିବୀରେ ଗଛର ପତ୍ର ଟିଏ ମଧ୍ୟ ହଲି ପାରେ ନାହିଁ, ଆମେ ଶ୍ୱାସ ପ୍ରଶ୍ୱାସ ନେଉ, ଯାହାଙ୍କ ଭିତରେ ସାରା ସଂସାର ଓ ଆମର ସମସ୍ତ ଆରାଧ୍ୟ ଦେବା ଦେବୀ ସମାହିତ ସେହି ପ୍ରଭୁ ଜଗନ୍ନାଥଙ୍କ ଚରଣରେ ନିଜକୁ ସମର୍ପଣ କରି ଶ୍ରଦ୍ଧା, ପ୍ରେମରେ ସମସ୍ତ ଜଞ୍ଜାଳକୁ ଭୁଲି ଶରଣ ନେଲେ । ଏ ଭବ ସଂସାରରୁ ମୁକ୍ତି ପାଇବା ପାଇଁ କିଛି ରାସ୍ତା ମିଳିଯିବ ଓ ମୃତ୍ୟୁ ବରଣ ପରେ ପରମାତ୍ମାରେ ଲୀନ ହୋଇଯିବା । ଯେପରି ସମସ୍ତ ଛୋଟ, ବଡ ନଦୀ ନିଜ ରାସ୍ତାରେ ବହି ଯାଉ ଯାଉ ତାର ଶେଷ ପରିଚୟ ସମୁଦ୍ରରେ ମିଶିଯାଏ । ସେହିପରି ମନୁଷ୍ୟ ଜୀବନ ମଧ୍ୟ ଆମେ ଯେତେ ଆତ୍ମା ପ୍ରଭୁଙ୍କ ଦ୍ୱାରା ସୃଷ୍ଟି ହୋଇଛେ । ଶେଷରେ ସେହି ପରମାତ୍ମାଙ୍କ ସହିତ ମିଳନ ହୋଇଯିବା ।

# ସହରରେ ଘର କିଣା

ସଲିଳା ତ୍ରିପାଠୀ
ବୋଲଗଡ, ହନୁମାନ ଗଦୀ
୮୭୬୩୭୮୮୬୧୪


କିଛି ବର୍ଷ ତଳେ ଜଣେ ଭଦ୍ରବ୍ୟକ୍ତିଙ୍କୁ ତାଙ୍କର ପିଲାମାନେ ରାଜଧାନୀ ଭୁବନେଶ୍ୱରରେ ଆପାର୍ଟମେଣ୍ଟରେ ଫ୍ଲାଟ କିଣିବା ପାଇଁ ପ୍ରସ୍ତାବ ଦିଅନ୍ତେ ସେ ପବନରେ ଘର କିଣିବେ ନାହିଁ ବୋଲି ସଫା ସଫା ମନା କରିଦେଲେ । କାରଣ ସହର ଠାରୁ ପାଖାପାଖି ୭୦ କିମି ଦୂରରେ ତାଙ୍କର ଏକ ବିଶାଳ ପ୍ରାସାଦ ଥିଲା । ମାତ୍ର ଦେଢ଼ ଦୁଇଘଣ୍ଟା ଭିତରେ ସେ ଆରାମରେ ସହରର ସମସ୍ତ ସୁବିଧା ସୁଯୋଗ ଲାଭ କରିପାରିବେ ବୋଲି ଭାବୁଥିଲେ । ଯଦିଓ ତାଙ୍କର ପିଲାମାନେ ଏପରି ଚିନ୍ତାଧାରାକୁ ଗ୍ରହଣ କରିପାରି ନଥିଲେ ତଥାପି ବାପାଙ୍କର ଜିଦ୍ ଆଗରେ ସେମାନେ ନିରବି ଯାଇଥିଲେ ଯାହାଫଳରେ ଫ୍ଲାଟ୍ କିଣାଟା ଆପାତତଃ ସ୍ଥଗିତ ରହିଯାଇଥିଲା । ସମୟକ୍ରମେ ଉକ୍ତ ଭଦ୍ରବ୍ୟକ୍ତିଙ୍କର ମୃତ୍ୟୁ ହୋଇଗଲା । ଧିରେଧିରେ ତାଙ୍କର ବିଶାଳ ପ୍ରାସାଦର କିଛି ଅଂଶ ଛାଡି ଅନ୍ୟ ସମସ୍ତ ଘର ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଗଲା । ଦେଖିବାକୁ ଗଲେ ସେ ଭାବିଥିବା କଥା ଠିକ୍ ପ୍ରମାଣିତ ହେଲା । ତାଙ୍କର ସହର ମଧ୍ୟରେ ଖାସ୍ କରି ପବନରେ ଘର ନ କରିବାର ନିଷ୍ପତ୍ତି ଉଚିତ୍ ଥିଲା । ନଚେତ୍ ଗାଁ ଘରଟି ତାଙ୍କ ବଞ୍ଚି ଥାଉ ଥାଉ ପରିତ୍ୟକ୍ତ ହୋଇଯାଇ ଥାଆନ୍ତା ।

ଏହା କେବଳ ଗୋଟିଏ ଘରର କାହାଣୀ ନୁହେଁ ବରଂ ଧିରେଧିରେ ଏହା ଏକ ସାମାଜିକ ସମସ୍ୟା ରୂପରେ ମୁଣ୍ଡ ଟେକିଲାଣି । ସଂପ୍ରତି ସମାଜରେ ଅନେକ ବ୍ୟକ୍ତି ନିଜ ନିଜର କୌଳିକ ବେଉସା ଛାଡି ରୋଜଗାର ନିମିତ୍ତ ସହରରେ ବସବାସ କରିବାର ନିଷ୍ପତ୍ତି ନେଉଛନ୍ତି । ତା'ଛଡା ସହରରେ ଥିବା ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଭଳି ସୁବିଧା ସୁଯୋଗ ମଧ୍ୟ କେହି ହାତଛଡା କରିବାକୁ ଚାହାଁନ୍ତି ନାହିଁ । ଆବଶ୍ୟକ ସ୍ଥଳେ ସମସ୍ତେ ଘରଭଡା ନେବା ପାଇଁ ବାଧ ହୋଇଥାନ୍ତି ଏବଂ ରୋଜଗାରର ଏକ ସିଂହଭାଗ ଭଡା ବାବଦକୁ ଦେବା ପାଇଁ ବାଧ ହୋଇଥାନ୍ତି । ଯାହାଫଳରେ ସେମାନେ ଜୀବନ ରାସ୍ତାରେ କିଛି ମାତ୍ରାରେ ପଛେଇ ଯାଆନ୍ତି ବୋଲି ଅନୁଭବ କରିଥାନ୍ତି । ବେଳେବେଳେ ଇଚ୍ଛାହୁଏ ସହରରେ ନିଜର ଘର ଖଣ୍ଡେ ଥାଆନ୍ତା କି, କମ୍ ସେ କମ୍ ଖଣ୍ଡେ ଜମି ଥିଲେ ଆଜ୍‌ବେଷ୍ଟସ୍ ପକାଇ ଉଠିଗଲେ ବି ଚଳନ୍ତା । ଭୂମିହୀନ ଆଉ ବାସହରା ବିପିଏଲ୍ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାରଙ୍କର ମାଳମାଳ ଯୋଜନା । ଅନ୍ୟପଟେ ଯାହାର ଘର ଅଛି ତା'ର କେବଳ ଗୋଟିଏ ନୁହେଁ ବରଂ ଗୋଟେ ଘରଭଡା ଲଗାଇ ଆଉ ଏକ ଘରେ ରହିବାର ବ୍ୟବସ୍ଥା କରାଯାଇ ଥାଏ । ତେଲିଆ ମୁଣ୍ଡରେ ତେଲ ମାରିବା ଭଳି ଏକାଧିକ ଜାଗାବାଡିର ମାଲିକ ହୋଇ ସେମାନେ ଆନନ୍ଦରେ ଜୀବନ ଯାପନ କରିଥାନ୍ତି । କିନ୍ତୁ ମଧ୍ୟବିତ୍ତ ଗୋଷ୍ଠୀଙ୍କର ସମସ୍ୟା ସବୁବେଳେ ଏବଂ ସବୁଠାରେ ଏକା ଭଳିଆ ହୋଇଥାଏ । ନା ସେମାନେ ଗାଁରେ ରହି ଭୋକ ଉପାସରେ ମରିପାରିବେ ନା ସହରରେ ରହି ନିଜର ଖାତା ଖତିଆନ ଖୋଲିପାରିବେ । ଦୁଇ ନାଆରେ ଗୋଡ ଦେଇ ବୁଡି ମରିବା ହିଁ ସାର ହେବ । କିନ୍ତୁ ସେପଟେ ଦେଖିଲେ ଯଦି ଅଳ୍ପ କିଛି ପୁଞ୍ଜି ସହ ଋଣ କରି ଘର କରିବେ ତେବେ ସାରାଜୀବନ ସେଇ ଋଣକୁ ଶୁଝିବାରେ ହିଁ ସମୟ ଚାଲିଯିବ । ଆଉ ଯଦି କିଛି ଅଘଟଣ ଘଟିଯାଏ ତେବେ ପରିବାରର ଅବସ୍ଥା କହିଲେ ନସରେ । ତେଣୁ ସେମାନେ ମନକୁ ବୁଝାଇ ଶେଷ ଜୀବନରେ ଗାଁ କୁ ଫେରି ଯିବାର ନିଷ୍ପତ୍ତି ହିଁ ସବୁଠାରୁ ଶୁଭଦାୟକ ହେବ ବୋଲି ଭାବି ଥାଆନ୍ତି । ଏହି ପରିପ୍ରେକ୍ଷୀରେ ଓଡିଆରେ ଥିବା ଏକ ପ୍ରସିଦ୍ଧ ଭଜନ ଆମକୁ ଜୀବନର ସତ୍ୟତା ବୁଝାଇ ଦିଏ 'ବଖରେ ଘରକୁ ଆୟୁଷ ନିଅଣ୍ଟ, ଉଆସ କାହିଁକି ଖୋଜିବି' । ଏହି ସୁନ୍ଦର ପଂକ୍ତିଟି ଆମ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହେଲେ ମଧ୍ୟ ଜୀବନରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ବାସସ୍ଥଳୀଟିଏ ବନାଇବାର ଇଚ୍ଛାଟିକୁ କିଏ ବା ରୋକିପାରିବ ? ଧୀରେ ଧୀରେ ଅନ୍ୟ ଏକ ସମସ୍ୟା ଉଙ୍କିମାରୁଛି ତାହା ହେଲା ଗାଁ ଗୁଡିକ ବର୍ତ୍ତମାନ ଖାଁ ଖାଁ ହେବାରେ ଲାଗିଛି । ଅର୍ଥାତ୍ ଯୁବଗୋଷ୍ଠୀ ଗାଁ ବାହାରେ କାର୍ଯ୍ୟରତ ହେବା ଫଳରେ ଗାଁ ମାନଙ୍କରେ କେବଳ ବୁଢ଼ାବୁଢ଼ୀ ମାନେ ରହି ଯାଉଛନ୍ତି । ଯେଉଁମାନେ ପିଲାମାନଙ୍କର ଛୁଟି ହେବା ସମୟକୁ କେବଳ ଅପେକ୍ଷା କରି ରହିଥାନ୍ତି । ଆଉ ସେମାନଙ୍କର ଏହି ଅପେକ୍ଷା ଅଧିକାଂଶ ସମୟରେ ଅନିଶ୍ଚିତ ହୋଇଥାଏ । ଶେଷରେ ଜାଣତରେ କିମ୍ବା ଅଜାଣତରେ ବାପା ମା' ପିଲାମାନଙ୍କ ପାଖରେ ହତାଦର ହୋଇଯା'ନ୍ତି । ଏ ସମସ୍ୟାର ସମାଧାନ କ'ଣ ବାସ୍ତବିକ ସମ୍ଭବ ? ଅପରପକ୍ଷେ ସହରରେ କିଛି ବୃଦ୍ଧ ଦମ୍ପତି ବିଶାଳ ସମ୍ପତ୍ତିର ଅଧିକାରୀ ହୋଇ ପିଲାମାନଙ୍କ ଅନୁପସ୍ଥିତିରେ ନିଜ ଘରଦ୍ୱାର ବିକି ଏକ ଆପାର୍ଟମେଣ୍ଟରେ ରହିବାକୁ ନିରାପଦ ମନେକରନ୍ତି । କାରଣ ଆପାର୍ଟମେଣ୍ଟରେ ସୁରକ୍ଷାକର୍ମୀ ଘରକୁ ବାହାରୁ ସୁରକ୍ଷା ଦିଅନ୍ତ। କିନ୍ତୁ ଘର ଭିତରେ ସୁରକ୍ଷା କିମ୍ବା ଭଲପାଇବା କିଏ ଦେଇଛି ନା ଦେଇପାରିବ । ଅବଶ୍ୟ କାମବାଲୀ ଆସି କାମ କରିଦେଇଥାଏ । ସେଇ ପରିସର ମଧ୍ୟରେ ଦୋକାନ ବଜାର, କମ୍ୟୁନିଟି ସେଣ୍ଟର, ମନ୍ଦିର, ଛୋଟ ଧରଣର ପାର୍କ, ଜିମ୍ ଇତ୍ୟାଦି ଉପଲବ୍ଧ ହୋଇଥାଏ ଯାହା ସେମାନଙ୍କର ନିତିଦିନିଆ ଜୀବନର ଆବଶ୍ୟକତାକୁ ପୂରଣ କରିଦେଇଥାଏ । ତା'ଛଡା ସମବୟସ୍କ ବନ୍ଧୁ ମଧ୍ୟ ମିଳିଯାଆନ୍ତି ଯେଉଁମାନେ ପରିଣତ ବୟସର ସହଯୋଗୀ ପାଲଟି ଯାଆନ୍ତି । ତେଣୁ ପବନରେ ଘର କରିବାଟା ବୁଦ୍ଧିମତାର କାର୍ଯ୍ୟ କି ନାହିଁ ତାହା ପାଠକେ ହିଁ ବିଚାର କରିବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ଭୁବନେଶ୍ୱର
୧୪ ଜାନୁଆରୀ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏକାମ୍ର କାନନ ପରିସରରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ରଙ୍ଗ ବେରଙ୍ଗ ଫୁଲର ସମ୍ଭାର। (ଫଟୋ : ସମ୍ବାଦ କଳିକା)



ସମ୍ବଲପୁର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିବସରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ ବିକାଶ କାର୍ଯ୍ୟ ସମୀକ୍ଷା କରିବା ସହ ସାଧାରଣ ଜନତା ଓ ଛାତ୍ରଛାତ୍ରୀମାନଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ଶିମିଳିପାଳରୁ ପୁଣି ଦୁଇ ଶିକାରୀ ଗିରଫ
## ଦୁଇଟି ବନ୍ଧୁକ ସହ ଶିକାର ସାମଗ୍ରୀ ଜବତ

**ବାରିପଦା, ୧୩।୧ :ନ୍ୟୁଜ୍‌ବ୍ୟୁରୋ**

ଶିକାର ମୁକ୍ତ ଶିମିଳିପାଳ ଅଭିଯାନ ଚାଲିଥିଲେ ମଧ୍ୟ ଶିମିଳିପାଳରେ ଶିକାର ଥମିବାର ନାମ ଧରୁନି। ଶିମିଳିପାଳରେ ଗତବର୍ଷ ଦୁଇଜଣ କାର୍ଯ୍ୟରତ ବନ କର୍ମଚାରୀ ଶିକାରୀ ଗୁଳିରେ ସହିଦ ହେବା ପରେ ପୋଲିସ ଏବଂ ବନବିଭାଗ ମିଳିତ ଭାବରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ୨୬୫ରୁ ଅଧିକ ସଂଖ୍ୟକ ବେଆଇନ ବନ୍ଧୁକ ଜବତ କରିବା ସହ ନିୟମିତ ପାଟ୍ରୋଲିଙ୍ଗକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଶିକାରୀମାନଙ୍କର ଚେତା ପଶୁନି। ଗୁରୁବାର ଦିନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନରୁ ଦୁଇଜଣ ଶିକାରୀଙ୍କୁ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସ.ଟି.ପି.ଏଫ.) କପ୍ତିପଦା ଥାନା ଅଧୀନ ପଥରଖଣି ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ ଓ ଉଦଳା ଥାନା ଅନ୍ତର୍ଗତ ଖଡିକାଶୋଳ ଗ୍ରାମର ଦିଲ୍ଲୀପ ନାଏକ ନାମକ ଦୁଇଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ, ୮୬ଟି ଲୁହା ବଲ୍, ୫୦୦ ଗ୍ରାମର ବିସ୍ଫୋରକ ଦ୍ରବ୍ୟ, ଦିଆସିଲି ସହିତ ଅନ୍ୟାନ୍ୟ ଶିକାର ସରଞ୍ଜାମକୁ ଜବତ କରାଯାଇଥିବାର ଜଣାଯାଇଛି। ଏ ସଂକ୍ରାନ୍ତରେ ପୃଥକ ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡ଼ିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ସୂଚନା ମୁତାବକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନର ପୋଡ଼ାଡ଼ିହା ରେଞ୍ଜରେ ବନ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କୁ ଧରିଥିଲେ। ଶିକାର କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ଗୋଟିଏ ବନ୍ଧୁକ, ୭୨ଟି ଲୁହ ବଲ୍, ୩୫୦ ଗ୍ରାମ୍‌ର ବିସ୍ଫୋରକ ଦ୍ରବ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲେ। ସେହିପରି ଜେନବିଲ ରେଞ୍ଜରେ ଏସ.ଟି.ପି.ଏଫ. ପାଟ୍ରୋଲିଂ କରୁଥିବା ବେଳେ ଶିକାରୀ ଦିଲ୍ଲୀପ ନାଏକକୁ ଗିରଫ କରିଥିଲେ। ତା'ଠାରୁ ଗୋଟିଏ ଦେଶୀ ବନ୍ଧୁକ, ୧୪ଟି ଲୁହା ବଲ୍, ୧୫୦ ଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ।

## ଉଦ୍‌ଘାଟିତ ହେଲା ୬ ବସ୍ତିରେ ସ୍ମାର୍ଟ ପାଠାଗାର
# ଭାଷା ସାହିତ୍ୟକୁ ସୁଦୃଢ଼ କରିବା ପାଇଁ ସ୍ଥାନ ପାଇଲା ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

**କଟକ, ୧୩।୧ :ନ୍ୟୁଜ୍‌ବ୍ୟୁରୋ**



ଜାତୀୟ ଯୁବ ଦିବସକୁ ସ୍ମରଣ କରିବା ଅବସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ୬ଟି ବସ୍ତିରେ ସ୍ମାର୍ଟ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝି, ବିଧାୟକ ସୌଭିକ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ପ୍ରମୁଖ ଏହି ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିଲେ। ପ୍ରଥମ ଥର ପାଇଁ କଟକ ସହରର ବସ୍ତି ଅଞ୍ଚଳରେ ଏଭଳି ପଦକ୍ଷେପ ନିଆଯାଇଛି। ବିଶେଷକରି ଉକ୍ତ ଅଞ୍ଚଳର ଲୋକମାନଙ୍କର ଜ୍ଞାନର ବିକାଶ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି ମେୟର ଶ୍ରୀ ସିଂହ ପ୍ରକାଶ କରିଛନ୍ତି। ୱାର୍ଡ ନଂ ୧ର କୃଷକବଜାର ପାଠାଗାର, ୱାର୍ଡ ନଂ ୩ ତିଳକାନଗର ପାଠାଗାର ଓ ଧବଳେଶ୍ୱର ଗଡା ପାଠାଗାର, ୱାର୍ଡ ନଂ ୪୮ରେ ନିମପୁର ପାଠାଗାର ଓ ଲକ୍ଷ୍ମଣପୁର ପାଠାଗାର ଏବଂ ୪୯ ନମ୍ବର ୱାର୍ଡରେ ତରୋଳ ଆଦିବାସୀ ସାହି ପାଠାଗାର ଉଦ୍‌ଘାଟିତ ହେବା ପରେ କାର୍ଯ୍ୟକ୍ଷମ ହୋଇଛି। ସ୍ମାର୍ଟ ଲାଇବ୍ରେରୀରେ ୨୦ ଜଣ ବସିବା ପାଇଁ ସୁବିଧା ରହିଛି। ଛୋଟ ପିଲାଙ୍କ ପାଇଁ ଅନେକ ପ୍ରକାର କାହାଣୀ ପୁସ୍ତକ ରହିଥିଲା ବେଳେ ମହିଳା ଦକ୍ଷତା ସଂପର୍କିତ ବହି ପାଠାଗାରରେ ରହିଛି। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗିତା-ମୂଳକ ପୁସ୍ତକ ମଧ୍ୟ ଏହି ପାଠାଗାରଗୁଡିକରେ ରହିଛି। ବିଶେଷକରି ଭାଷା ଓ ସାହିତ୍ୟକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ଓଡ଼ିଆ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ସହ ବିଶିଷ୍ଟ ଓଡ଼ିଆ ସାହିତ୍ୟିକମାନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଉପନ୍ୟାସମାନ ସ୍ଥାନ ପାଇଛି। ସେହିଭଳି ପାଠାଗାର ଗୁଡିକରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଥିଲା ବେଳେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିୟୋଜିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ପାଠାଗାରରେ ୧ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ସ୍ଥାନ ପାଇଥିଲା ବେଳେ ପାଠକଙ୍କ ଆବଶ୍ୟକତା ଅନୁଯାୟୀ ଆହୁରି ୪ ହଜାର ପୁସ୍ତକ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ସିଏମସି ଦ୍ୱାରା ବସ୍ତିଗୁଡିକର ଉନ୍ନତିକରଣ କରାଯାଇ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇ ବସ୍ତିବାସିନ୍ଦାଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ସେଠାରେ ସ୍ମାର୍ଟ ପାଠାଗାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୮ଟି ପାଠାଗାରର କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ୬ଟି ପାଠାଗାରକୁ ବସ୍ତିବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଗୋଟିଏ ପାଠାଗାର ପିଛା ୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସିଟି ଇଂଜିନିୟର ଅତନୁ ସାମନ୍ତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ସୋନା ଟୁଡୁ, ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମୋନାଲିସା ଦାସ, କର୍ପୋରେଟର ରୀତାଞ୍ଜଳି ବେହେରା, ନଳିନୀ ବେହେରା, ସହକାରୀ ଯନ୍ତ୍ରୀ ଧିରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


## ହ୍ୟାକ୍ ହେଲା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସୋସିଆଲ ମିଡିଆ ଆକାଉଣ୍ଟ



**ଭୁବନେଶ୍ୱର, ୧୩।୧ :ନ୍ୟୁଜ୍‌ବ୍ୟୁରୋ**

ହ୍ୟାକ ହେଲା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଆକାଉଣ୍ଟ। ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ହ୍ୱାଟ୍‌ସଆପ ସହ ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାକ୍ ହୋଇଛି। ଏନେଇ ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ନିଜ ହ୍ୱାଟ୍‌ସଆପ୍ ସହ ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାକ୍ ହେବାନେଇ ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେବା ସହ କୌଣସି ସନ୍ଦେହଜନକ ମେସେଜ୍ କିମ୍ବା କାର୍ଯ୍ୟକଳାପକୁ ଏଡାଇବାକୁ କହିଛନ୍ତି। ଏଥି ସହିତ ହ୍ୱାଟ୍‌ସଆପର କୌଣସି ମେସେଜକୁ ମଧ୍ୟ ଗ୍ରହଣ ନକରିବାକୁ ସୂଚନା ଦେଇଛନ୍ତି।

ଏବେ ବଜାରରେ ଉପଲବ୍ଧ...
'କଥାକଳିକା' ଜାନୁଆରୀ - ୨୦୨୪ ସଂଖ୍ୟା



ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ବିଶିଷ୍ଟ ସାହିତ୍ୟିକା ବିଜୟିନୀ ଦାସଙ୍କ ପରଲୋକ

**କଟକ, ୧୩।୧ :ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ବିଜୟିନୀ ଦାସ (୮୦)ଙ୍କ ପରଲୋକ ଘଟିଛି। ଶନିବାର ଦିନ ପ୍ରାୟ ସାଢ଼େ ଗୋଟାଏ ସମୟରେ ସିଡିଏସ୍ଥିତ ଝିଅ ମଧୁମିତା ମହାନ୍ତିଙ୍କ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ପରଲୋକ ପରେ ତାଙ୍କ ମରଶରୀରକୁ ଷ୍ଟେସନିରୋଡ୍‌ସ୍ଥିତ ତାଙ୍କ ବାସଭବନରେ ଶେଷଦର୍ଶନ ପାଇଁ ରଖାଯାଇଥିଲା। ଶେଷଶଯ୍ୟା ନିକଟରେ ପୁଅ ଅମରଜିତ ଦାସ, ବୋହୂ ମିନତୀ ଦାସ, ଝିଅ ମଧୁମିତା ମହାନ୍ତି, ଜ୍ୱାଇଁ ସୌରଭ ମହାନ୍ତି, ଦେଢ଼ଶୂର ପ୍ରଫେସର ଡାକ୍ତର ରଘୁବୀର ଦାସଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରଲୋକ ଖବର ପାଇ ବସୁନ୍ଧରା ସଂପାଦିକା ଶୈଳ ବେହେରା, ସମାଜସେବୀ ସାବିତ୍ରୀ ଚୌଧୁରୀ, ଉତ୍କଳ ପ୍ରସଙ୍ଗ ସଂପାଦିକା କସ୍ତୁରୀ ମହାପାତ୍ର, ରୀନି ମହାନ୍ତି, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ସୁଧାଂଶୁ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଅମରଜିତ ମୁଖାଗ୍ନି ଦେଇଥିଲେ। ୧୯୪୪ ମସିହା ସେପ୍ଟେମ୍ବର ୨୩ରେ ନୟାଗଡ଼ ଜିଲ୍ଲା ବାଉଁସିଆପଡ଼ା ଗ୍ରାମରେ ବିଜୟିନୀ ଦାସ ଜନ୍ମଗ୍ରହଣ କରିଥିଲେ। ଭାଗବତ ପଟ୍ଟନାୟକ-କୁମୁଦିନୀ ପଟ୍ଟନାୟକଙ୍କ ଝିଅ ବିଜୟିନୀ ମନସ୍ତତ୍ତ୍ୱ ବିଜ୍ଞାନରେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ପରେ ସାରସ୍ୱତ ସାଧନା ଓ ସମାଜସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ। ଓଡ଼ିଶାରେ ମହିଳା ଓ ଶିଶୁଙ୍କ ଅଧିକାର ଓ ନ୍ୟାୟ ପାଇଁ ତାଙ୍କର ଉଦ୍ୟମ ସର୍ବଦା ଉଲ୍ଲେଖନୀୟ। ୧୯୭୦ ମସିହାରେ ମାସିକ ସାହିତ୍ୟ ପତ୍ରିକା 'ଜୀବନ ରଙ୍ଗ'ର ସଂପାଦିକା ଭାବେ ସାରସ୍ୱତ ସେବା ଆରମ୍ଭ କରିଥିଲେ। ସେ ଓଡ଼ିଶା ମହିଳା ସ୍ୱେଚ୍ଛାସେବୀ ସଂଘ, ବସୁନ୍ଧରା, ଉତ୍କଳ ମହିଳା ସମିତି ଭଳି ସାମାଜିକ ସଂଗଠନ ସହ ସଂପୃକ୍ତ ଥିଲେ। ଏହା ବ୍ୟତୀତ ସେ ଫ୍ୟାମିଲି କୋର୍ଟର ପ୍ରମୁଖ କାଉନ୍‌ସେଲର, ସଂଯୋଗ ଅନୁଷ୍ଠାନର ସଦସ୍ୟ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଭାବେ ଦୀର୍ଘ ବର୍ଷ କାର୍ଯ୍ୟ କରିଛନ୍ତି। କବିତା, ଗଳ୍ପ, ଉପନ୍ୟାସ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ସ୍ୱତନ୍ତ୍ର ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ତାଙ୍କର ସାରସ୍ୱତ କୃତି ମଧ୍ୟରେ ମଧ୍ୟରାତ୍ରିର କବିତା, ସୂର୍ଯ୍ୟୋଦୟ, ଭଙ୍ଗା ଆଇନା, ତିନି ଦଶକର କବିତା, ଏବେ ମୋତେ କହିବାକୁ ଦିଅ ଭଳି କବିତା ଗ୍ରନ୍ଥ, ଛାଇ ଆଲୁଅ, ଝରକା, ଭୋର୍ ଆକାଶ ଭଳି କ୍ଷୁଦ୍ରଗଳ୍ପ, ଶିଖା ପତଙ୍ଗ, ପଙ୍କ ତିଳକ, ନିଷିଦ୍ଧ କାବ୍ୟ ଭଳି ଉପନ୍ୟାସ ଅନ୍ୟତମ। ଦେବଦାସୀ ଉପନ୍ୟାସ ପାଇଁ ୧୯୯୧ରେ ବିଜୟିନୀ ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର ଲାଭ କରିଥିଲେ। ସାରସ୍ୱତ ସେବା ପାଇଁ ସେ ପ୍ରଜାତନ୍ତ୍ର ବିଷୁବ ସମ୍ମାନ, ସାହିତ୍ୟ ଏକାଡେମୀ ପୁରସ୍କାର, ରାଧାନାଥ ରାୟ ସ୍ମୃତି ସମ୍ମାନ, ଦାସରଥୀ ପଟ୍ଟନାୟକ ସାହିତ୍ୟ ସମ୍ମାନ, ମାନସିଂହ ସମ୍ମାନ, ଓଡ଼ିଶା ପ୍ରତିଭା ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ଭୁବନେଶ୍ୱର ପୁସ୍ତକ ମେଳା ସମ୍ମାନ ଭଳି ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି। ତାଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସଂପାଦକ ଆଦିତ୍ୟ ପ୍ରତାପ ଧଳ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ, ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ଦୁଇ ବାଇକ୍ ମୁହାଁମୁହିଁ : ୨ ମୃତ

**ଲମତାପୁଟ, ୧୩।୧ :ନ୍ୟୁଜ୍‌ବ୍ୟୁରୋ**

ଦୁଇ ବାଇକ୍ ମଧ୍ୟରେ ଧକ୍କା। ଦୁର୍ଘଟଣା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଜଲାପୁଟ-ପାତ୍ରପୁଟ ନିକଟ ରାସ୍ତାରେ ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ, ମୃତ ବ୍ୟକ୍ତି ନନ୍ଦପୁର ବ୍ଲକ ଖମରାର ଗ୍ରାମ ଧନିଆ ଖରା ଓ ମାଣିକ ଖେମୁଣ୍ଡୁ। ଲମତାପୁଟ ବ୍ଲକ୍ ପାଲାମଗ୍ରାମର ରବୀନ୍ଦ୍ର ଖରା ଗୁରୁତର ହୋଇ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଦୁଇଟି ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି।

# ଜଳିଗଲା ବସ୍ : ମହିଳା ଜୀବନ୍ତ ଦଗ୍ଧ

**ତେଲେଙ୍ଗାନା, ୧୩।୧**

ହାଇଦ୍ରାବାଦରୁ ଚିତ୍ତୋରକୁ ଯାଉଥିବା ଏକ ଘରୋଇ ଟ୍ରାଭେଲ କମ୍ପାନୀର ବସ୍ ଓଲଟି ପଡି ସେଥିରେ ନିଆଁ ଲାଗିଯାଇଛି। କୁହାଯାଉଛି ଯେ ଡ୍ରାଇଭର ଜଣଙ୍କ ଆଖି ଲାଗିଯିବାରୁ ଏମିତି ଅଘଟଣ ଘଟିଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀ ଝରକା ଭାଙ୍ଗି ଡେଇଁପଡିଥିଲେ, କିନ୍ତୁ ଜଣେ ମହିଳା ନିଆଁରେ ଫସିଯାଇ ମୃତ୍ୟୁ ବରଣ କରିଥିଲେ। ଶନିବାର ସକାଳେ ଚିତ୍ତୋରରୁ ଯାଉଥିବା ଏକ ଘରୋଇ ବସ୍ ତେଲେଙ୍ଗାନାର ଜୋଗୁଲମ୍ବା ଗାଡାଲ ଜିଲ୍ଲାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ସେଥିରେ ନିଆଁ ଲାଗି ଯାଇଥିଲା। ଫଳରେ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଥିଲେ। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ପୋଲିସର ସୂଚନା ଅନୁସାରେ, ଶନିବାର ଭୋର ୩ଟାରେ ହାଇଦ୍ରାବାଦରୁ ଚିତ୍ତୋର ଅଭିମୁଖେ ଏକ ଆମାଜନ ଟ୍ରାଭେଲ ବସ୍‌ରେ ଯାତ୍ରା କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ପୋଲିସ ଅନୁଯାୟୀ, ଡ୍ରାଇଭର ଆଖି ଲାଗିବା କାରଣରୁ ସେ ନିୟନ୍ତ୍ରଣ ହରାଇଥିଲା। ଫଳରେ ୪୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଘରୋଇ ବସ୍ ରାସ୍ତାରୁ ଓଲଟି ପଡିଥିଲା ଏବଂ ସେଥିରେ ନିଆଁ ଲାଗି ଯାଇଥିଲା।